ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.161 Bhubaneswar Friday August 12 2022 | ୨୫ତମ ବର୍ଷ ସଂଖ୍ୟା–୧୬୧ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଅସନ୍ତୋଷ ଝାଡ଼ିଲେ କେନ୍ଦ୍ରମନ୍ତ୍ରୀ; ସ୍ୱଚ୍ଛତା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ବାକି ଘର ମଞ୍ଜୁର କରିବେ



ନୂଆଦିଲ୍ଲୀ ,୧୧।୮(ପି.ଏନ): ଓଡିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY)ରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଓଡିଶାର ପଞ୍ଚାୟତିରାଜ ମନ୍ତ୍ରୀ ଅମାତଙ୍କ ଉପସ୍ଥିତିରେ ଆଜି ସେ ଏପରି କହିଛନ୍ତି।ଗିରିରାଜ କହିଛନ୍ତି, ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଆଦୌ ସ୍ୱଚ୍ଛତା ନାହିଁ। ବ୍ୟାପକ ଅନିୟମିତତା ହୋଇଛି। ଉପଯୁକ୍ତ ହିତାଧିକାରୀ ଘର ପାଇନାହାନ୍ତି। ବାତ୍ୟା ଫୋନି ଦ୍ୱାରା କ୍ଷତିଗ୍ରସ୍ତ ୩୭% ଲୋକଙ୍କୁ ଘର ମିଳିବାରେ ଗଡ଼ବଡ଼ି ହୋଇଛି। ସ୍ୱଚ୍ଛତା ରହିବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ବାକି ଘର ମଞ୍ଜୁର ହେବ। ମନ୍ତ୍ରୀ ଯାଇ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ କହିବେ। ତା'ପରେ ସ୍ୱଚ୍ଛତା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ବାକି ୮ ଲକ୍ଷ ଘର ମଞ୍ଜୁର କରାଯିବ।ଆଜି ନୂଆଦିଲ୍ଲୀରେ ସମୀକ୍ଷା ବୈଠକ ବସିଥିଲା। ବୈଠକରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ, କେନ୍ଦ୍ର ଶିକ୍ଷା ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ଆବାସ ଯୋଜନାରେ ଓଡିଶାରେ ହୋଇଥିବା ଦୁର୍ନୀତି ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।ବୈଠକ ପରେ ପ୍ରଦୀପ ଅମାତ କହିଥିଲେ, ରାଜ୍ୟ ସରକାର ଅନିୟମିତତା ନେଇ ଆକ୍ସନ ନେଇଛନ୍ତି। ୨୨ଜଣଙ୍କୁ ନିଲମ୍ବିତ କରାଯାଇଛି। ୪୪ ଅଫିସରଙ୍କୁ ସସ୍‌ପେଣ୍ଡ କରାଯାଇଛି। ୨୬୮ ଜଣଙ୍କ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅନୁସାରେ କାମ କରୁଛନ୍ତି। ଆଗାମୀ ଦିନରେ ଆମେ ସ୍ୱଚ୍ଛତାରେ କାମ କରିବୁ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ୨୦୨୨ ମସିହା ସୁଦ୍ଧା ସମସ୍ତଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ଭାରତ ସରକାର ଟାର୍ଗେଟ ନେଇଥିଲେ। ହେଲେ ଏଥିରେ ଓଡ଼ିଶାରେ ଅନିୟମିତତା ହୋଇଛି। ୨୦୧୮ ମସିହାରେ ଆବସ ପ୍ଲସ୍ ପୋର୍ଟାଲ୍ ଖୋଲିବା ପରେ କୌଣସି କାରଣରୁ ଓଡିଶା ସରକାର ସେଥିରେ ନାଁ ଦେଇପାରିନଥିଲେ। ପରେ ଅର୍ଥାତ୍ ୨୦୧୯ ମସିହାରେ ବାତ୍ୟା ଫୋନି ଆସିଲା। ଫୋନି ପରେ ଆବାସ୍ ପୋର୍ଟାଲ୍ ପୁଣି ଥରେ ଖୋଲିଥିଲା। ସେଥିରେ ଯେଉଁସବୁ ନାଁ ଆସିଥିଲା, ତାକୁ ନେଇ ନାନା ଆପତ୍ତି ଓ ଅଭିଯୋଗ ଆସିଥିଲା। ଏହା ପରେ ସରକାର ଅନୁସନ୍ଧାନ କରାଯାଇଥିଲା। ତା' ଉପରେ ଆଜି ଆଲୋଚନା ହୋଇଥିଲା।ସେ ଆହୁରି କହିଥିଲେ, ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମଗ୍ର ଦେଶ ପାଇଁ ୪୮ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ସେଥିରୁ ଓଡିଶା ପାଇଁ ରହିଛି ୭ ହଜାର କୋଟି ଟଙ୍କା। ଏଥିରେ ପାଖାପାଖି ୮ ଲକ୍ଷ ଘର ନିର୍ମାଣ ହେବ। ଏହାଛଡା ବାତ୍ୟା ଫନିରେ କ୍ଷତିଗ୍ରସ୍ତ ହୋଇଥିବା ଲକ୍ଷାଧିକ ହିତାଧିକାରୀଙ୍କ ନାଁ ଆବସ ପ୍ଲସ୍ ପୋର୍ଟାଲ୍ ?ରେ ଯୋଡା ଯାଇପାରିବ। ଏହାର ଅର୍ଥ ମୋଟ୍ ୯ରୁ ୧୦ ଲକ୍ଷ ଘର ଓଡିଶାକୁ ମିଳିବାର ସମ୍ଭାବନା ରହିଛି। ସେଥିପାଇଁ ଟଙ୍କା ମଧ ଭାରତ ସରକାର ରଖିଛନ୍ତି। ଓଡିଶାର ଅନୁଭବକୁ ନେଇ ଭାରତ ସରକାର ଏଥିପାଇଁ ଗୁଡାଏ ପ୍ରାସଙ୍ଗିକ ସର୍ତ୍ତ ମଧ ରଖିଛନ୍ତି। ଅନେକ ସମୟରେ ଦେଖିବାକୁ ମିଳିଛି, ଘର ନିର୍ମାଣ ଆରମ୍ଭ ହେଉଛି, ମାତ୍ର ସମ୍ପୂର୍ଣ୍ଣ ହେଉନି। ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳୁ। ଭାରତ ସରକାର ଟଙ୍କା ପଠାଇ ଦେଇଛନ୍ତି, ହେଲେ ସେହି ଟଙ୍କା କାମରେ ଆସୁନି ବୋଲି ଶ୍ରୀ ପ୍ରଧାନ କହିଥିଲେ।

## ୧୦ ଦିନରେ ୧ କୋଟିରୁ ଅଧିକ ଜାତୀୟ ପତାକା ବିକ୍ରି କରିଛି ଡାକ ବିଭାଗ

ନୂଆଦିଲ୍ଲୀ, ୧୧।୮(ପି.ଏନ): ଡାକ ବିଭାଗ ନିଜର ୧.୫ ଲକ୍ଷ ଡାକ ଘରର ସର୍ବବ୍ୟାପୀ ନେଟଓ୍ୱାର୍କ ସହିତ ଦେଶର ପ୍ରତ୍ୟେକ ନାଗରିକଙ୍କୁ "ହର ଘର ତିରଙ୍ଗା" (ଘରେ ଘରେ ତିରଙ୍ଗା) କାର୍ଯ୍ୟକ୍ରମରେ ସାମିଲ କରୁଛି। ୧୦ ଦିନର ଏହି ସ୍ୱଳ୍ପ ଅବଧି ସମୟରେ ଡାକ ବିଭାଗ ଲୋକ ମାନଙ୍କୁ ୧ କୋଟିରୁ ଅଧିକ ଜାତୀୟ ପତାକା ବିକ୍ରି କରିଛି। ଏହି ଜାତୀୟ ପତାକାକୁ ବିଭାଗ ଦ୍ୱାରା ମାତ୍ର ୨୫ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି। ଅନ୍ ଲାଇନ୍ ରେ ଡାକ ବିଭାଗ ସାରା ଦେଶରେ କୌଣସି ବି ଠିକଣାରେ ଏହାକୁ ଡେଲିଭରି ଦେୟ ନ ନେଇ ସିଧାସଳଖ ପହଂଚାଇଛି। ଇ – ପୋଷ୍ଟ ଅଫିସ୍ (ଇ – ଡାକ ଘର) ସୁବିଧା ମାଧ୍ୟମରେ ଲୋକ ମାନେ ଅନ୍ଲାଇନ୍ରେ ୧.୭୫ ଲକ୍ଷରୁ ଅଧିକ ପତାକା କ୍ରୟ କରିଛନ୍ତି।୪.୨ ଲକ୍ଷ ଦୃଢ଼ ଡାକ କର୍ମଚାରୀ ମାନେ ଦେଶର କୋଣ ଅନୁକୋଣରେ ଅର୍ଥାତ୍ ସହର ଗୁଡିକରେ , ନଗର ଗୁଡିକରେ , ଗ୍ରାମ ଗୁଡିକରେ, ସୀମାବର୍ତ୍ତୀ କ୍ଷେତ୍ରରେ , ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲା ଗୁଡିକରେ ଏବଂ ପାହାଡ ଏବଂ ଜନଜାତୀୟ ଅଂଚଳ ଗୁଡିକରେ "ହର ଘର ତିରଙ୍ଗା" ବାର୍ତ୍ତାକୁ ଅତି ଉତ୍ସାହର ସହିତ ପ୍ରଚାର କରିଛନ୍ତି।ପ୍ରଭାତ ଫେରି, ମୋଟର ସାଇକେଲ୍ ରାଲି, ଚୌପାଲ ସଭା (ଗାଁ ସଭା) ଗୁଡିକ ମାଧ୍ୟରେ , ଭାରତୀୟ ଡାକ ସମାଜର ସମସ୍ତ ବର୍ଗ ମଧ୍ୟରେ "ହର ଘର ତିରଙ୍ଗା"ର ବାର୍ତ୍ତାକୁ ପହଂଚାଇଛି। ଡିଜିଟାଲ୍ ରୂପରେ ଯୋଡି ହୋଇଥିବା ଲୋକ ମାନଙ୍କ ମଧ୍ୟରେ ଏହି ବାର୍ତ୍ତାକୁ ବ୍ୟାପକ କରିବା ନିମନ୍ତେ ଟ୍ୱିଟର ଏବଂ ଫେସବୁକ୍ ଭଳି ସାମାଜିକ ମାଧ୍ୟମକୁ ଉପକରଣ ଭାବରେ ବ୍ୟାପକ ରୂପରେ ବ୍ୟବହାର କରା ଯାଇଛି।ଡାକଘର ଗୁଡିକ ମାଧ୍ୟମରେ ଜାତୀୟ ପତାକାର ବିକ୍ରି ୧୫ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ଖୋଲା ରହିଛି। ନାଗରିକ ମାନେ ନିକଟତମ ଡାକ ଘର ଗୁଡିକୁ ଯାଇ ଏହାକୁ କ୍ରୟ କରି ପାରିବେ କିମ୍ବା ଇ – ଡାକ ଘର (epostoffice. gov. in) ମାଧ୍ୟମରେ ନିଜର ଜାତୀୟ ପତାକାକୁ କ୍ରୟ କରି ପାରିବେ ଏବଂ "ହର ଘର ତିରଙ୍ଗା" ଅଭିଯାନର ଅଂଶ ବିଶେଷ ହୋଇ ପାରିବେ। ନାଗରିକ ମାନେ ପତାକା ସହିତ ନିଜର ଏକ ସେଲ୍ଫି ନେଇ ପାରିବେ ଏବଂ ତାହାକୁ www.harghartiranga.com ରେ ଅପଲୋଡ୍ କରି ପାରିବେ ଏବଂ ନୂତନ ଭାରତର ସବୁଠାରୁ ବଡ ଉତ୍ସବରେ ନିଜର ଭାଗୀଦାରୀତାକୁ ପ୍ରଦର୍ଶନ କରି ପାରିବେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଠାରୁ ୫ ହଜାର ଟଙ୍କା ଲାଂଚ ନେବା ମାମଲାରେ ଟ୍ରେଜେରୀ ଆକାଉଣ୍ଟାଣ୍ଟଙ୍କୁ ୩ ବର୍ଷ ଜେଲ ୫ ହଜାର ଜରିମାନା

କନ୍ଧମାଳ,୧୧।୮(ପି.ଏନ): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସନ୍ତୋଷ କୁମାର ଜେନା ଆଜି ଏକ ଲାଂଚ ନେବା ମାମଲାର ବିଚାରଣ କରି ମାମଲାର ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ଟ୍ରେଜେରୀର ଆକାଉଣ୍ଟାଣ୍ଟ ନାରାୟଣ ମଲ୍ଲିକଙ୍କୁ ସାକ୍ୟ ଓ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରିବା ସହିତ ତାଙ୍କୁ ୩ ବର୍ଷ ସଶ୍ରମ ଜେଲ ଏବଂ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ତାଙ୍କୁ ଆଉ ୩ ମାସ ଅଧିକ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପରତି। ଅଭିଯୋଗ କାରୀଙ୍କ ପକ୍ଷରୁ ମାମଲାର ପରିଚାଳନା ସ୍ୱତନ୍ତ୍ର ଭିଜିଲାନ୍ସ ପିପି ବି.ଡି ରାମଦାସ ପରିଚାଳନା କରୁଥିଲେ। ସୂଚନା ଅନୁସାରେ ଅଭିଯୁକ୍ତ ନାରାୟଣ ମଲ୍ଲିକ୍, ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବ୍ରଜବନ୍ଧୁ ମେହେରାଙ୍କ ଠାରୁ ତାଙ୍କର ଛୁଟି ସମୟର ଦରମାର ବିଲ କରି ଦେବାକୁ ୫ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ। ବ୍ରଜବନ୍ଧୁ ତାଙ୍କୁ ଏହି ଟଙ୍କା ଦେବାକୁ ଅକ୍ଷମ ଥିବା ସହିତ ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଏ ନେଇ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଭିଜିଲାନ୍ସ ବିଭାଗ ନାରାୟଣଙ୍କୁ ଲାଂଚ ଟଙ୍କା ନେବାବେଳେ ଟଙ୍କା ସମେତ ଧରିବା ସହିତ ଏକ ମାମଲା ୨୮/୨୦୧୯ ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଆଗାମୀ ପାଂଚ ଦିନ ଯାଏ ରାଜ୍ୟରେ ହେବ ବର୍ଷା

ଭୁବନେଶ୍ୱର, ୧୧।୮(ପି.ଏନ): ରାଜ୍ୟରେ ଆଗାମୀ ପାଂଚ ଦିନ ଯାଏ ବର୍ଷା ହେବ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମା ଶଂକର ଦାସ ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି ଯେ ଆଉ ଏକ ଲଘୁଚାପ ଆସୁଛି। ଲଘୁଚାପ ପ୍ରଭାବରେ ବର୍ଷା ଚାଲିଛି। ଆଗାମୀ ୧୩ରେ ଆଉ ଏକ ଲଘୁଚପ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେ କହିଛନ୍ତି ଯେ ଆଜି ଓ କାଲି ପ୍ରବଳ ବର୍ଷା ହେବ। ୧୩, ୧୪ ଅତି ପ୍ରବଳ ବର୍ଷିବ। ୧୪ରେ ବର୍ଷାର ପରିମାଣ ସର୍ବାଧିକ ରହିବ। ୩୦ ଜିଲ୍ଲାରେ ବର୍ଷା ହେବ। ୧୫ ତାରିଖରେ ବର୍ଷାର ପରିମାଣ ସାମାନ୍ୟ କମିବ ବୋଲି ସେ କହିଛନ୍ତି।

## ଅଲାରନାଥ ପୀଠ ପରିଦର୍ଶନ କଲେ ୫-ଟି ସଚିବ

ଭୁବନେଶ୍ୱର, ୧୧।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫ -ଟି ସଚିବ ଭି. କେ ପାଣ୍ଡିଆନ ଗୁରୁବାର ଅପରାହ୍ନରେ ଅଲାରନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ଶ୍ରୀ ପାଣ୍ଡିଆନ୍ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିବା ସହ ମନ୍ଦିରର ଉନ୍ନତି ପାଇଁ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ମନ୍ଦିରର ଉନ୍ନତି ଓ ଏହାର ଭିତିଭୂମିର ବିକାଶ ପାଇଁ ଆଲୋଚନା କରିଛନ୍ତି। ସେବାୟତମାନଙ୍କ ସହିତ ଆଲୋଚନା କରିବା ପରେ ଏକ କମିଟି ଗଠନ କରି ମନ୍ଦିରର ସମସ୍ତ ସମସ୍ୟା ଓ ଉନ୍ନତି ଏବଂ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।୫- ଟି ସଚିବଙ୍କ ଗସ୍ତ କାଳରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ପୂର୍ତ୍ତ ବିଭାଗ ଏବଂ ଓବିସିସିର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

### ଦେଶରେ ବୁଧବାର ସୁଦ୍ଧା ଦିଆଗଲାଣି ୨୦୭ କୋଟିରୁ ଅଧିକ କରୋନା ଟୀକା

ନୂଆଦିଲ୍ଲୀ, ୧୧।୮(ପି.ଏନ): ଦେଶବ୍ୟାପି କରୋନା ଟୀକାକରଣ ଅଭିଯାନରେ ବୁଧବାର ସକାଳ ୮ ଟା ସୁଦ୍ଧା ୨୦୭ କୋଟି ୨୯ ଲକ୍ଷ ଟୀକା ଦେବା ସଂଖ୍ୟା ପାରି କରିସାରିଛି। ଗତ ୨୪ ଘଂଟାରେ ୧୫.୨୧ ଲକ୍ଷ ରୁ ଅଧିକ ଟିକା ଦିଆଯାଇଛି।କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଅନୁସାରେ ଗୁରବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନା ବିରୋଧି ଟିକା ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୯୮.୩୪ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି।

## ଖୁବଶୀଘ୍ର ପିଏମ ଆବାସ ଯୋଜନାରେ ଓଡ଼ିଶାର ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବ:ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮(ପି.ଏନ): ଖୁବ ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାର ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବାଟ ଫିଟିଛି ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଓ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହ ଏ ସମ୍ପର୍କୀତ ଏକ ବୈଠକରେ ଯୋଗ ଦେବା ପରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ବୈଠକରେ କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ, ଓଡ଼ିଶା ସରକାରଙ୍କ ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ବିଭାଗୀୟ ମନ୍ତ୍ରଣାଳୟର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ କ୍ରିୟାନ୍ୱୟନ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିପରି ଭାବରେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚିପାରିବ ସେ ଦିଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସବୁ ଗରିବଙ୍କ ମୁଣ୍ଡ ଉପରେ ସମ୍ମାନର ସହ ପକ୍କା ଘର ପ୍ରଦାନ କରିବାର ଲକ୍ଷ୍ୟ ରଖିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ସରକାର ପିଏମ୍ ଗ୍ରାମୀଣ ଓ ସହରୀ ଆବାସ ଯୋଜନା ପାଇଁ ୪୮ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାର ଭାଗ ରହିଛି ପ୍ରାୟ ୭ ହଜାର କୋଟି ଟଙ୍କା। ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ପିଏମ ଆବାସ ଯୋଜନା ପୋର୍ଟାଲରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ପ୍ରାୟ ୮ ଲକ୍ଷ ଘର ଯୋଡ଼ାଯିବ। ଏହା ବ୍ୟତିତ ଫନୀରେ କ୍ଷତିଗ୍ରସ୍ତ ଅଞ୍ଚଳ ପାଇଁ ଲକ୍ଷାଧିକ ଘର ପ୍ରଦାନ କରାଯିବ। ଆଗାମୀ ଦିନରେ ଓଡ଼ିଶାରେ ପ୍ରାୟ ୧୦ ଲକ୍ଷ ଘର ନିର୍ମାଣ କରାଯିବାର ଯୋଜନା ରହିଛି। ୨୦୧୮ରେ ଆବାସ ପ୍ଲସ ପୋର୍ଟାଲ ଖୋଲାଯାଇଥିବା ବେଳେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କ ସଠିକ୍ ତାଲିକା ପ୍ରଦାନ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାରେ ଫୋନୀ ବାତ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ତା' ପରେ ମଧ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ତାଲିକାରେ ତ୍ରୁଟି ଦେଖାଯିବା ସହ ଘର ନିର୍ମାଣରେ ଅନିୟମିତତା ଅଭିଯୋଗ ଆସିଥିଲା। ଭାରତ ସରକାର ମଧ ଏ ଦିଗରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଆଜି ଏ ସବୁ ବିଷୟକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଭାରତ ସରକାର ଟଙ୍କା ପଠାଉଥିଲେ ମଧ ପିଏମ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଆବାସ ପ୍ଲସ ପୋର୍ଟାଲରେ ଓଡ଼ିଶା ସରକାରଙ୍କ ନିଜସ୍ୱ ଜିଲ୍ଲାରେ କୌଣସି ଗୃହ ଆବଣ୍ଟନ କରାଯାଇନାହିଁ। ପିଏମ ଆବାସ ଯୋଜନା ଅନ୍ତର୍ଗତ ନାମାଙ୍କନ ପ୍ରକ୍ରିୟା ଠାରୁ ଆରମ୍ଭ କରି ଯୋଗ୍ୟ ହିତାଧିକାରୀ ଚୟନ, ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକ୍ରିୟା ତଥା ସ୍ୱଚ୍ଛ ଓ ପାରଦର୍ଶୀ ଉପାୟରେ ଏହି ଯୋଜନାର କ୍ରିୟାନ୍ୱୟନ ସହ ଅଧା ନିର୍ମାଣ ହୋଇ ପଡ଼ି ରହିଥିବା ଘରକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ଅନୁଷ୍ଠିତ ବୈଠକ ଫଳପ୍ରଦ ହୋଇଛି। ଅପରପକ୍ଷରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ରାଜ୍ୟ ସରକାରଙ୍କୁ ସ୍ୱଚ୍ଛତାର ସହ ହିତାଧିକାରୀ ଚୟନ କରିବା, ଆବାସ ପ୍ଲସ ପୋର୍ଟାଲରେ ସଠିକ୍ ତଥ୍ୟ ପ୍ରଦାନ କରିବା, ଯୋଜନାର ତଦାରଖ ଏବଂ ଅନିୟମିତତାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେବଳ ଭାରତ ସରକାରଙ୍କ ଲୋଗୋ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି।ଉଲ୍ଲେଖନୀୟ ଯେ, ଗତ ୫ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆବାସ ପ୍ଲସ ୱିଣ୍ଡୋ ଖୋଲାଯାଇ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେବାକୁ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଏ ସମ୍ପର୍କିତ ଏକ ଚିଠି ପ୍ରଦାନ କରିବା ସହ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ଅନୁରୋଧ କରିଥିଲେ।

## ତେଜସ୍ୱୀଙ୍କୁ ଜଗିବେ ୫୫ ଜଣ ସୁରକ୍ଷା କର୍ମୀ, ମିଳିଲା ବୁଲେଟପ୍ରୁଫ କାର



ପାଟନା,୧୧।୮(ପି.ଏନ): ବିହାରରରେ ନୂଆ ଉପମୁଖ୍ୟମନ୍ତ୍ରୀ ହେବା ପରେ ତେଜସ୍ୱୀ ଯାଦବଙ୍କ ସୁରକ୍ଷା ବ୍ୟବସ୍ଥାକୁ ବ?ାଇ ଦିଆଯାଇଛି। ତେଜସ୍ୱୀ ଯାଦବଙ୍କୁ ଜେଡ ପ୍ଲସ ସୁରକ୍ଷା ଯୋଗାଇ ଦିଆଯାଇଛି। ଏଥିସହ ତେଜସ୍ୱୀଙ୍କୁ ଏକ ବୁଲେଟ ପ୍ରୁଫ କାର ଯୋଗାଇ ଦିଆଯାଇଛି। ସୁରକ୍ଷା କମିଟିର ସୁପାରିଶ ପରେ ତେଜସ୍ୱୀଙ୍କୁ ଏହି ସୁରକ୍ଷା ମଳିଛି। କୁହାଯାଉଛି ତେଜସ୍ୱୀଙ୍କୁ ଗୃହ ବିଭାଗର ମନ୍ତ୍ରୀପଦ ମିଳିପାରେ। ଏହି ବିଭାଗ ସୁରକ୍ଷା ବ୍ୟାପାର ଦାୟିତ୍ୱରେ କାମ କରୁଛି। ଜେଡ ପ୍ଲସ ପର୍ଯ୍ୟାୟ ହେଉଛି ଦେଶର ଦ୍ୱିତୀୟ ବୃହତମ ସୁରକ୍ଷା ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ମୋଟ ୫୫ ଜଣ ସୁରକ୍ଷା ଦାୟିତ୍ୱରେ ରୁହନ୍ତି। ସେଥିରେ ୧୦ ଜଣ ଜାତୀୟ ସୁରକ୍ଷା କର୍ମୀ(ଏନଏସଜି), କମାଣ୍ଡୋ ଏବଂ ଅନ୍ୟ ପୁଲିସ କର୍ମୀ ନିୟୋଜିତ ରହିବେ। ପ୍ରତ୍ୟେକ କମାଣ୍ଡୋ କରାଟେ କଳାରେ ପାରଙ୍ଗମ। ତେବେ ଅଗଷ୍ଟ ୧୫ରେ ବିହାର ନୂଆ ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ।କୁହାଯାଉଛି ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ତେଜ ପ୍ରତାପ ପୁଣିଥରେ ସମାନ ପୋର୍ଟଫୋଲିଓ ଦାବି କରିଛନ୍ତି। ତେଜ ପ୍ରତାପ ହେଉଛନ୍ତି ଲାଲୁ ପ୍ରସାଦଙ୍କ ବଡ ପୁଅ। ସୂଚନା ଅନୁଯାୟୀ, ବିଜେପି ସହ ସମ୍ପର୍କ ତୁଟାଇ ପୁଣି ଥରେ ଆରଜେଡି ସହ ହାତମିଳାଇ ବିହାରରରେ ମହାଗଠବନ୍ଧନ ସରକାର ଗ?ିଛନ୍ତି ଜେଡିୟୁର ନୀତୀଶ କୁମାର। ବିଜେପି ହାତ ଛାଡ଼ିବା ପରେ ଆରଜେଡି ଓ କଂଗ୍ରେସ ସହ ୭ଟି ଦଳର ସମର୍ଥନରେ ରାଜ୍ୟରେ ନୂଆ ମହାମେଣ୍ଟ ସରକାରର ଶାସନ ଆରମ୍ଭ କରିଛନ୍ତି ନୀତୀଶ କୁମାର।ଗତକାଲି ସେ ରେକର୍ଡ ଅଷ୍ଟମ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ଆରଜେଡିର ତେଜସ୍ୱୀ ଯାଦବ ଦ୍ୱିତୀୟ ଥର ପାଇଁ ହୋଇଛନ୍ତି ଡେପୁଟି ମୁଖ୍ୟମନ୍ତ୍ରୀ। ତେବେ ଶପଥ ଗ୍ରହଣ ଉତ୍ସବରେ ମନ୍ତ୍ରିମଣ୍ଡଳର ଅନ୍ୟ କୌଣସି ସଦସ୍ୟ ଶପଥ ନେଇନାହାନ୍ତି।

## ୧୩ରେ ଲଘୁଚାପ, ବଢ଼ିବ ବର୍ଷା

ଭୁବନେଶ୍ୱର, ୧୧।୮(ପି.ଏନ): ଲଘୁଚାପ ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପକ୍ଷରେ ଅଗଷ୍ଟ ୧୩ ତାରିଖରେ ଉତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହେବାର ସମ୍ଭାବନା ଅଛି। ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି, 'ଲଘୁଚାପ ପ୍ରଭାବରେ ରାଜ୍ୟରେ ଏବେ ବର୍ଷା ଲାଗି ରହିଛି। ୧୩ରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜି ଓ କାଲି ପ୍ରବଳ ବର୍ଷା ହୋଇପାରେ। ୧୩, ୧୪ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୪ରେ ବର୍ଷାର ପରିମାଣ ସର୍ବାଧିକ ରହିବ। ସମସ୍ତ ୩୦ ଜିଲ୍ଲାରେ ବର୍ଷିବ। ୧୫ ତାରିଖରେ ବର୍ଷାର ପରିମାଣ ସାମାନ୍ୟ କମିବ।୧୩ ଏବଂ ୧୪ ତାରିଖରେ ରାଜ୍ୟରେ ବିସ୍ତୃତି ବର୍ଷା ସହ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏଥିଯୋଗୁଁ ପାହାଡିଆ ଅଂଚଳରେ ଭୂସ୍ଖଳନ , ଅକସ୍ମାତ ବନ୍ୟା, ତଳୁଆ ଅଂଚଳରେ ପାଣି ଜମିବା ସହ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ସେହିପରି ୧୩ ରୁ ୧୫ ଅଗଷ୍ଟ ଯାଏଁ ବର୍ଷା ସହ ଘଂଟା ପ୍ରତି ୪୫ ରୁ ୫୫ କିମି ସର୍ବାଧିକ ୬୫ କିମି ବେଗରେ ପବନ ବହିପାରେ। ସମୁଦ୍ର ଅଶାନ୍ତ ରହୁଥିବାରୁ ୧୩ ରୁ ୧୫ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଗତକାଲି ଛତିଶଗଡ଼ର ଅନେକ ଅଂଚଳରେ ପ୍ରବଳ ବର୍ଷା ହୋଇଛି। ଉପର ମୁଣ୍ଡରେ ବର୍ଷା ହୋଇଛି, ତଳ ମୁଣ୍ଡରେ ବି ବର୍ଷା ହେଉଛି। ଉପର ଏବଂ ତଳ ମୁଣ୍ଡରେ ବର୍ଷା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ଲଗାଣ ବର୍ଷା ଯୋଗୁ ଅନେକ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନା ରହିଛି ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି।

## କେନ୍ଦୁଝରରେ ବାଜିରେ ଲାଗିଛି କୋମଳମତି ଶିଶୁଙ୍କ ଜୀବନ:ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

କେନ୍ଦୁଝର , ୧୧।୮(ପି.ଏନ): କେନ୍ଦୁଝରରେ କୋମଳମତି ଶିଶୁ ମାନଙ୍କ ଜୀବନ ବାଜିରେ ଲାଗିଥିବା ଭଳି ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣା ଖୋଦ ଜିଲ୍ଲା ମୁଖ୍ୟାଳୟରେ ହିଁ ଦେଖିବାକୁ ମିଳିଛି। କୋମଳମତି ପିଲାଙ୍କର ଉଜ୍ଜଳ ଭବିଷ୍ୟତ ଗଢିବା ଉଦ୍ଦେଶ୍ୟରେ ସେମାନଙ୍କୁ ପ୍ରାକ ଶିକ୍ଷା ଦେବା ନିମନ୍ତେ ପ୍ରତିଷ୍ଠା ହୋଇଛି ଅଙ୍ଗନବାଡି କେନ୍ଦ୍ର। କିନ୍ତୁ ପ୍ରତ୍ୟେକ ମୁହୂର୍ତରେ ବିପଦ ଆଶଙ୍କା ରହିଥିବା ବିପଦସଙ୍କୁଳ ଗୃହରେ କୁନି କୁନି ପିଲାମାନେ କିପରି ଭବିଷ୍ୟତ ଗଢିବେ ତା ଉପରେ ଉଠିଛି ପ୍ରଶ୍ନ। ଏଭଳି ଦୁର୍ଭାଗ୍ୟଜନକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ସହରର ଚାରି ନମ୍ବର ଓ୍ୱାର୍ଡ ସ୍ଥିତ ମଦନମୋହନପୁର ପାଟଣା ଅଙ୍ଗନବାଡି କେନ୍ଦ୍ରରେ। ଏହି ଅଙ୍ଗନବାଡି କେନ୍ଦ୍ର ର ଛାତରୁ ପ୍ଲାଷ୍ଟର ଛାଡି ଛଡ ଦିଶୁଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳି ଚଟାଣ ଓଦା ହୋଇଯାଉଛି। ଶୁଖିଲା ରହୁଥିବା ଚଟାଣର ମାତ୍ର ଗୋଟିଏ କୋଣରେ ସମସ୍ତ ପିଲାମାନେ ଖୁନ୍ଦିଖୁନ୍ଦା ହୋଇ ବସୁଛନ୍ତି। କେବଳ ଏତିକି ନୁହେଁ ଏପରିକି ଏହି କେନ୍ଦ୍ରରେ ରୋଷେଇ ଘର ନଥିବାରୁ ରୋଷେୟାକୁ ପିଲାଙ୍କ ପାଇଁ ଖାଦ୍ୟ ନିଜ ଘରୁ ରାନ୍ଧି ଆଣିବାକୁ ପଡୁଛି। ଅନ୍ୟ ପକ୍ଷରେ ଏହି କେନ୍ଦ୍ରକୁ ଲାଗି ଏକ ବିରାଟକାୟ ଜାମୁ ଗଛ ରହିଛି। ପବନ ହେଲେ ଗଛଟି କେନ୍ଦ୍ରର ଛାତରେ ପିଟି ହୋଇଥାଏ। ଏବଂ ଛାତଟି ମଧ୍ୟ ଅନେକ ସମୟରେ ଦୋହଲିଥାଏ। ଫଳରେ ଯେକୌଣସି ସମୟରେ ଛାତଟି ଖସି ପଡିବାର ଭୟ ଲାଗି ରହିଥାଏ ବୋଲି ଅଭିଭାବକ ସନ୍ତୋଷ ବାରିକ କହିଛନ୍ତି। ଯେଉଁଥିପାଇଁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଏହି କେନ୍ଦ୍ରକୁ ଛାଡୁ ନଥିବା ବେଳେ ଅନ୍ୟ କେତେକ ମଧ୍ୟ ନଛାଡିବା କଥା କହିଥିଲେ। ଏହି ଘଟଣା ସଂପର୍କରେ ୪ ନମ୍ବର ଓ୍ୱାର୍ଡର କାଉନସିଲର ମୀନା ଦଲେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିବା ସତ୍ୱେ ଅଦ୍ୟବଧି ଫଳ ଶୂନ୍ୟ ରହିଛି। ଅନ୍ୟ ପକ୍ଷରେ ପ୍ରଶାସନ ଅଧିକାରୀ କୌଣସି ମତାମତ ଦେବାକୁ ଏଡାଇ ଯାଇଛନ୍ତି। ଅନ୍ୟ ପକ୍ଷରେ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ଘଟଣା ହେଉଛି ଯେ ଏଭଳି ଅବସ୍ଥା କେବଳ ଗୋଟିଏ କେନ୍ଦ୍ରର ନୁହେଁ। କେନ୍ଦୁଝର ଜିଲ୍ଲାରେ ଏଭଳି ବହୁ ସଂଖ୍ୟାରେ ଅଙ୍ଗନବାଡି କେନ୍ଦ୍ର ରହିଛି ଯେଉଁମାନଙ୍କର ସ୍ଥିତି ଅତ୍ୟନ୍ତ ଦୟନୀୟ। ଏ ସଂପର୍କରେ ବିଭାଗୀୟ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଧ୍ୟାନ ଦିଆନଯିବା ନିଶ୍ଚିତ ବାବେ ଦୁର୍ଭାଗ୍ୟପୁର୍ଣ୍ଣ ଘଟମା ବୋଲି କୁହାଯାଇପାରେ।

## ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ନଡ୍ଡା ଶୁଭେଚ୍ଛା ଜଣାଇଲେ

ନୂଆଦିଲ୍ଲୀ,୧୧।୮(ପି.ଏନ): ଭାରତୀୟ ଜନତା ପାର୍ଟି (ବିଜେପି) ସଭାପତି ଜେ.ପି. ନଡ୍ଡା ବୁଧବାର ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ଭାବରେ ଶପଥ ନେବା ପରେ ଅଭିନନ୍ଦନ ଜଣାଇବା ସହ ତାଙ୍କୁ କାର୍ଯ୍ୟକାଳର ଶୁଭେଚ୍ଛା ଜଣାଇଛନ୍ତି।ତାଙ୍କ ଅଭିନନ୍ଦନ ବାର୍ତ୍ତାରେ ନଡ୍ଡା ଟ୍ୱିଟ୍ କରି କହିଛନ୍ତି, ଦେଶର ୧୪ତମ ଉପରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିବାରୁ ଜଗଦୀପ ଧନଖଡ଼ଜୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ମୁଁ ନିଶ୍ଚିତ ଯେ, ଦେଶ ଆପଣଙ୍କ ପ୍ରଶାସନିକ ତଥା ସାମାଜିକ କାର୍ଯ୍ୟ ଦକ୍ଷତା ଏବଂ ଆଇନଗତ ଅଭିଜ୍ଞତାର ଲାଭ ପାଇବ। ଅଧ୍ୟକ୍ଷ ଭାବରେ ଭୂମିକା ଦେଶର ସେବାରେ ନୂତନ ଦିଗ ସ୍ଥିର କରିବ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୧୨

# ସକାରାତ୍ମକ ଓ ନକାରାତ୍ମକ ମାନସିକତା



ଅଦୃଶ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ଏକ ଅନବଦ୍ୟ ସୃଷ୍ଟି। ମନୁଷ୍ୟକୁ ଏକ ସୁନ୍ଦର ସ୍ଥୁଳ ଶରୀର ସାଙ୍ଗକୁ ସୂକ୍ଷ୍ମ ଚୈତନ୍ୟ ଶକ୍ତି ପ୍ରଦାନ, ପ୍ରକୃତିର ଏକ ସର୍ବଶ୍ରେଷ୍ଠ ଦାନ। କିନ୍ତୁ ପ୍ରକୃତିଦତ ଚରିତ୍ର, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରେ, ଭିନ୍ନ ଭିନ୍ନ ଭାବରେ ପରିପ୍ରକାଶ ହୋଇଥାଏ। କେତେକ ବ୍ୟକ୍ତି, ଦୟା, ପରୋପକାର, ସହାନୁଭୁତି, ମିଷ୍ଟଭାଷୀ, ନିରହଂକାର, ଶାନ୍ତ ଓ ସରଳତା ପରି ଦୈବୀଗୁଣସମ୍ପନ୍ନ ହୋଇଥିବା ସ୍ଥଳେ, ଅନ୍ୟ କେତେକ ବ୍ୟକ୍ତି, କ୍ରୁରତା, ନିଷ୍ଠୁରତା, ଅହଂକାର, ସ୍ୱାର୍ଥପରତା, ଲୋଭ ଓ କୁଟିଳତା ପରି ଆସୁରୀକ ଗୁଣସମ୍ପନ୍ନ ହୋଇଥାଆନ୍ତି। ଅନେକ ବ୍ୟକ୍ତି କିଛି ମିଶ୍ରିତ ଗୁଣ ପ୍ରାପ୍ତ ହୋଇଥା'ନ୍ତି। ଅନେକ ସୁଗୁଣ ଥିବା ବ୍ୟକ୍ତିର କିଛି ଦୁର୍ଗୁଣ ଥାଏ, କିମ୍ବା ଅନେକ ଦୁର୍ଗୁଣ ଥିବା ବ୍ୟକ୍ତିର କିଛି ସୁଗୁଣ ବି ଥାଏ। ମୋଟାମୋଟି ଭାବରେ ସାଧାରଣତଃ ସୁଗୁଣାଧିକାରୀ ବ୍ୟକ୍ତି ସକାରାତ୍ମକ ଓ ଦୁର୍ଗୁଣାଧିକାରୀ ବ୍ୟକ୍ତି ନକାରାତ୍ମକ ମାନସିକତାର ହୋଇଥା'ନ୍ତି। ସକାରାତ୍ମକ ବ୍ୟକ୍ତି ଏବଂ ନକାରାତ୍ମକ ବ୍ୟକ୍ତିମାନଙ୍କର କାର୍ଯ୍ୟଧାରାରେ ସାଧାରଣ ପ୍ରଭେଦ ହେଉଛି-

(୧) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସମସ୍ୟାର, ସରଳ ସମାଧାନ ପାଇଁ ଚେଷ୍ଟା କରେ, କିନ୍ତୁ ନକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସହଜ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରେ। ଏହା ମଧ୍ୟ ଏକ ଜନ୍ମଗତ ମାନସିକତା। ଅନେକ ଲୋକ ଅଛନ୍ତି, ତାଙ୍କର ବ୍ୟକ୍ତିଗତ ସମସ୍ୟା ହୋଇ ନଥିଲେ ମଧ୍ୟ, ଅନ୍ୟର ସମସ୍ୟା ଦୃଷ୍ଟିଗୋଚର ହେବାମାତ୍ରେ, ଅଯାଚିତ ଭାବରେ, ସମସ୍ୟାଜଡିତ ବ୍ୟକ୍ତିଙ୍କୁ, ସମାଧାନର ସରଳ ମାର୍ଗ ପ୍ରଦର୍ଶିତ କରିଥାନ୍ତି। କିନ୍ତୁ ଅପରପକ୍ଷରେ, ଅନେକ ନକରାତ୍ମକ ଚିନ୍ତା ଧାରାର ବ୍ୟକ୍ତି , ଅତ୍ୟନ୍ତ ସରଳ ଭାବରେ ସଂଘଟିତ ହେଉଥିବା କାର୍ଯ୍ୟରେ, ନିଜର କୁଟିଳ ବୁଦ୍ଧି ପ୍ରୟୋଗ କରି, ସେଥିରେ ଅନେକ ସମସ୍ୟା ସୃଷ୍ଟି କରନ୍ତି। (୨) ସକାରାତ୍ମକ ବ୍ୟକ୍ତି ସର୍ବଦା କର୍ମଠ



ହୋଇ, ଆତ୍ମକଲ୍ୟାଣ, ସମାଜ ମଙ୍ଗଳ ନିମନ୍ତେ ନୂଆ ନୂଆ କାର୍ଯ୍ୟ ଆରମ୍ଭ କରିଥାନ୍ତି, ମାତ୍ର ନକାରାତ୍ମକ ବ୍ୟକ୍ତି ଆଳସ୍ୟ ଏବଂ ସ୍ୱାର୍ଥପରତାର ବଶବର୍ତୀ ହୋଇ, ନିଜ କାର୍ଯ୍ୟ ବ୍ୟତୀତ, କୌଣସି ଜନହିତକାରୀ ବା ସମାଜ ମଙ୍ଗଳ କାର୍ଯ୍ୟ ନକରିବା ପାଇଁ ବାହାନାର ଆଶ୍ରୟ ନେଇଥାଏ। (୩) ଜଣେ ସକାରାତ୍ମକ ବ୍ୟକ୍ତି, ନିଜ କାର୍ଯ୍ୟ ସାରି, ଅନ୍ୟର କାର୍ଯ୍ୟଭାର ହାଲୁକା କରିଦେବା ନିମନ୍ତେ କହେ,"ମୁଁ ଆପଣଙ୍କ ପାଇଁ ଏ କାମଟିକୁ କରିଦେବି", କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକୁ ମଧ୍ୟ କହେ, "ଏହା ମୋର କାମ ନୁହେଁ।" (୪) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରେ ଏବଂ କହେ, "ଏ କାର୍ଯ୍ୟଟି ଜଟିଳ ହେଲେ ମଧ୍ୟ କରିବା ସମ୍ଭବ।" କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, କୌଣସି କାର୍ଯ୍ୟକୁ ଅନୁଧ୍ୟାନ ନକରି କହେ, "କାର୍ଯ୍ୟଟି କରିବା ସମ୍ଭବ, କିନ୍ତୁ ଏହା ଅତ୍ୟନ୍ତ ଜଟିଳ।" (୫) ପ୍ରତ୍ୟେକ ମନୁଷ୍ୟ ଜୀବନକାଳ ମଧ୍ୟରେ ଜାଣତରେ ହେଉ ବା ଅଜାଣତରେ ହେଉ, ଅନେକ ଭୁଲ୍ କାର୍ଯ୍ୟ କରିଥା'ନ୍ତି। ସକାରାତ୍ମକ ବ୍ୟକ୍ତି କିଛି ଭୁଲ୍ କରିଛି ଅନୁଭବ କଲେ, ସାଙ୍ଗେ ସାଙ୍ଗେ ଭୁଲ୍ ସ୍ୱୀକାର କରିନିଏ, ଯଦ୍ୱାରା ଅନେକ ସମସ୍ୟାର ସହଜ ସମାଧାନ ହୋଇଯାଇଥାଏ, କିନ୍ତୁ ନକାରାତ୍ମକ ବ୍ୟକ୍ତି ଭୁଲ କରିଥିଲେ ବି ଦୋଷ ମାନେନାହିଁ, ବରଂ ନିଜେ ଠିକ୍ ବୋଲି ଅଯଥା ଯୁକ୍ତିତର୍କ କରିଥାଏ, ଯଦ୍ୱାରା ଅନେକ ଜଟିଳ ସମସ୍ୟା ସୃଷ୍ଟି ହୋଇଥାଏ। (୬) ସକାରାତ୍ମକ ବ୍ୟକ୍ତି ସର୍ବଦା ନିଜକୁ କାର୍ଯ୍ୟବ୍ୟସ୍ତ ରଖିବାକୁ ଭଲ ପାଆନ୍ତି ଏବଂ କୁହନ୍ତି, "ମୋତେ ଅନେକ କାର୍ଯ୍ୟ କରିବାକୁ ହେବ।" ଅପରପକ୍ଷରେ ନକାରାତ୍ମକ ବ୍ୟକ୍ତି କୌଣସି କାର୍ଯ୍ୟ ନକରି କହେ-"କିଛି କରାଯିବା ଉଚିତ।" (୭) ସମସ୍ତ କାର୍ଯ୍ୟର ଭଲ ଦିଗକୁ ଦେଖିବା ସକାରାତ୍ମକ ବ୍ୟକ୍ତିର ଅଭ୍ୟାସ, କିନ୍ତୁ ସମସ୍ତ କାର୍ଯ୍ୟର ମନ୍ଦ ଦିଗକୁ ଖୋଜି ବାହାର କରିବା ନକାରାତ୍ମକ ବ୍ୟକ୍ତିର ଅଭ୍ୟାସ। (୮) ସକାରାତ୍ମକ ବ୍ୟକ୍ତି ସଦାସର୍ବଦା ଭବିଷ୍ୟତକୁ ଦୃଷ୍ଟିପାତ କରିଥାଏ, ନକାରାତ୍ମକ ବ୍ୟକ୍ତି ସଦାସର୍ବଦା ଅତୀତକୁ ଜାବୁଡି ଧରିଥାଏ। (୯) କୌଣସି କଥା କହିବା ପୂର୍ବରୁ, ସକାରାତ୍ମକ ବ୍ୟକ୍ତି ଗଭୀର ଚିନ୍ତା କରି କଥା କହିଥାଏ, କିନ୍ତୁ କୌଣସି କଥା ନଭାବି, ନକାରାତ୍ମକ ବ୍ୟକ୍ତି କଥା କହିଦିଏ ଏବଂ ପରେ ଚିନ୍ତା କରେ। (୧୦) ନିଜ କର୍ମର ଉତ୍କର୍ଷତାରେ ସକାରାତ୍ମକ ବ୍ୟକ୍ତି, ନିଜର ବ୍ୟକ୍ତି ସାମର୍ଥ୍ୟର ପରିପ୍ରକାଶ କରିଥାଏ, କିନ୍ତୁ ନିଜର ଦକ୍ଷତା ପ୍ରଦର୍ଶନ କରିବାର ଅସାମର୍ଥ୍ୟତା ଯୋଗୁ ପ୍ରଶଂସା ପ୍ରାପ୍ତିରୁ ବଂଚିତ ନକାରାତ୍ମକ ବ୍ୟକ୍ତି, କେବଳ ସଫଳ ବ୍ୟକ୍ତିଙ୍କୁ ଈର୍ଷା ହିଁ କରେ ଏବଂ ତା'ର କୁତ୍ସାରଟନା କରେ।

ଏହି ନକାରାତ୍ମକ ଓ ସକାରାତ୍ମକ ଗୁଣ ଅନେକାଂଶରେ ଜନ୍ମଗତ ହୋଇଥାଏ, କିନ୍ତୁ ସମାଜରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସଂସ୍ପର୍ଶରେ ମଧ୍ୟ, ସେଥିରେ କିଛି ପରିବର୍ତନ ହୋଇଥାଏ। ନୈତିକ ଶିକ୍ଷା ମଧ୍ୟ ଅନେକଙ୍କ ମାନସିକତାରେ ସକାରାତ୍ମକ ଭାବଧାରା ସୃଷ୍ଟି କରିଥାଏ। ଆଜିକାଲିର ଯାନ୍ତିକ ଶିକ୍ଷା କେବଳ ଅର୍ଥ ରୋଜଗାର ପାଇଁ ଉଦ୍ଦିଷ୍ଟ ହୋଇ, ନୈତିକ ଶିକ୍ଷାର ଅବକ୍ଷୟ ଘଟିଥିବାରୁ, ନକାରାତ୍ମକ ବ୍ୟକ୍ତିଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ସମାଜରେ ବାରମ୍ବାର ଅନେକ ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେବାରେ ଲାଗିଛି। ଯଦି ଏହି ପ୍ରକ୍ରିୟା ଜାରି ରହେ, ଆମର ଏହି ଶୃଙ୍ଖଳିତ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ, ଏହା ନିଃସନ୍ଦେହ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ନିଜ ଭିତରେ ଥିବା ଆନନ୍ଦ ଓ ଶାନ୍ତିକୁ ଅନୁସନ୍ଧାନ କର।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# କରୋନା ବନାମ୍ ଆମ ଦୁର୍ବଳ ସ୍ୱାସ୍ଥ୍ୟ ଭିତିଭୂମି !

**ଶରତ କୁମାର ରାଉତ**




ସମ୍ପ୍ରତି ସାରା ପୃଥିବୀରେ କରୋନା ଭୂତାଣୁର ତାଣ୍ଡବ ଜାରୀ ରହିଛି। ଏହାର ସାମ୍ନା କରିବା ପାଇଁ ଆମ ଦେଶ ଓ ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସାରା ଦେଶ ତାଲାବନ୍ଦି ଅବସ୍ଥାରେ ରହିଛି। ଏହାବ୍ୟତୀତ ଆଉ କୌଣସି ବାଟ ନାହିଁ। ଯଦିଓ ଏହା ମହାମାରୀର ରୂପ ନିଏ, ତାହାର ସାମ୍ନା ପାଇଁ ଆମ ଦେଶ ଓ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସକ୍ଷମ ହେବନାହିଁ। ଏଠାରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଯାଉ। ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟୋରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍‌ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ (?), କେହି କିଛି ଜାଣିପାରୁନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା ରାଜ୍ୟରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି।

୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ବଢି ଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଫେଲ୍ ମାରିଛି। ସରକାରୀ ଡ଼ାକ୍ତରଖାନା ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼େ ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି। ଡ଼ାକ୍ତରଖାନାଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବା ତ' ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି। ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି। ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି। କିଛି ହରିଲୁଟ୍ ହୁଏ, କିଛି ସମୟସୀମା ଶେଷ ପରେ ବଂଟାଯାଏ ଓ ଆଉ କିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଏ। ମୋଟ ଉପରେ ଆମର ଚିକିତ୍ସା ବ୍ୟବସ୍ଥା ଏଭଳି ଢଙ୍ଗରେ ଚାଲିଛି ଯେ, ସରକାରୀ ଚିକିତ୍ସାଳୟ କେବଳ ଲୋକଦେଖାଣିଆ, ହେଲେ ନିର୍ଭର କରିବାକୁ ପଡୁଛି ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ।

ବାସ୍ତବତା ଦେଖାଗଲେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ହୋଇପାରିନାହିଁ। କୌଣସି ସମୟରେ ଏନ୍‌ଏଚ୍‌ଏମ୍ ଯୋଜନା ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖିଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ସରକାର ଚିନ୍ତା କଲେଣି କି ? ଆଜି ଯେତିକି ଭିତିଭୂମିର ବିକାଶ ହୋଇଛି, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ। ତେବେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟସେବା ପାଇଁ କିଭଳି ଦାନ ରହିଛି, ତାହା ଜାଣିହେଉନାହିଁ। ଶହଶହ କୋଟି ଟଙ୍କାର ଔଷଧ ଓ ଚିକିତ୍ସା ଉପକରଣ କିଣାଯାଉଛି ସିନା, ସେସବୁ ରୋଗୀମାନଙ୍କ ସେବାରେ ଲାଗୁନି। ସେଥିମଧ୍ୟରେ ଅଧିକାଂଶ ଔଷଧ ଓ ଉପକରଣ ଅତି ନିମ୍ନମାନର। ଯଦିଓ ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତାର ସହ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତା, ଏହି ମିସନ୍ ଅର୍ଥରେ ବି ସ୍ୱାସ୍ଥ୍ୟସେବାର ଉନ୍ନତି ହୋଇସାରନ୍ତାଣି। ଆଜି ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଦର୍ଶ କରିପାରିନାହିଁ। ଅଯଥା ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ଅପାରଗତା ଓ ସରକାରୀ ନିୟମ ଉଲଘଂନ ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇଯାଇଛି। କାହିଁକି ଚିକିତ୍ସା ସେବାରେ ଉନ୍ନତି ହୋଇପାରୁନି ବା ଆବଶ୍ୟକୀୟ ଭିତିଭୂମିର ବିକାଶ ହେଉନାହିଁ, ସେ ସଂପର୍କରେ କେହି ଭାବୁଛନ୍ତି କି?

"ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ଼" (ଆଇପିଏଚ୍‌ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତିଭୂମିର ସାମାନ୍ୟ ବିକାଶ ହୋଇଥିଲେ ହେଁ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି। ତେବେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁନାହିଁ। ଆଇପିଏଚ୍‌ଏସ୍ ଅନୁଯାୟୀ ଓଡ଼ିଶାର ଉପସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର ଓ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନାରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫। ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ୨୮ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲ୍‌ରେ ୧୪୧୯୨ ଷ୍ଟାଫ୍ ନର୍ସଙ୍କର ନିଯୁକ୍ତି ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩। ସେହିପରି ଆଇପିଏଚ୍‌ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ' ଭିନ୍ନ କଥା, ହେଲେ ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକରୁ ଅଧିକାଂଶ ମଧ୍ୟ ଖାଲି ପଡ଼ିଛି। ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିଏଚ୍‌ଏନ୍, ଡ଼ିପିଏଚ୍‌ଏନ, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏଲ୍‌ଟି ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଡ଼ାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି। ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି। ଜାତୀୟ ସ୍ତରରେ




ସମାନ ହେବାକୁ ଏଠାରେ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି। ଜାତୀୟ ସ୍ତରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତରଙ୍କର ଆବଶ୍ୟକତା ରହିଛି। କିନ୍ତୁ କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି। ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି। ଏଠାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି। ଆମ ପଡ଼ୋଶୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି। ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ଟି ମେଡ଼ିକାଲ୍ କଲେଜ ରହିଛି। ପ୍ରତିବର୍ଷ ଏଠାରୁ ୪୭୫୦ ଡ଼ାକ୍ତର ଉତୀର୍ଣ୍ଣ ହେଉଛନ୍ତି। ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି। ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ। ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି ପାଇଲେ ହିଁ ବାସ୍ତବ ଭିତିଭୂମିର ବିକାଶ ହୋଇପାରିବ। ଆଜି କରୋନା ଭୂତାଣୁର ତାଣ୍ଡବରୁ ରକ୍ଷା ପାଇଁ ଆମେ ଡ଼ହଳ ବିକଳ ହେଉଛେ। ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ବିକଶିତ ହୋଇଥା'ନ୍ତା ଓ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତର କାର୍ଯ୍ୟରତ ଥାଆନ୍ତେ, ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରି ପାରିଥା'ନ୍ତା। ଏଥିପ୍ରତି ସରକାର ତୁରନ୍ତ ଯତ୍ନବାନ ହେବା ଉଚିତ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ।-୯୩୩୭୩୬୯୪୪୮*

# ଏଚ୍‌ଆଇଭି/ ଏଡ୍‌ସଙ୍କ ପାଇଁ ସଂଗ୍ରାମ



ଏ ପର୍ଯ୍ୟନ୍ତ ବିଶ୍ୱରେ ତିନିଗୋଟି ରୋଗର ନିବାରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରିପାରିନାହିଁ। ଏହି ରୋଗଗୁଡିକ ହେଲେ ଏଡ୍‌ସ, ମଧୁମେହ ଏବଂ ଡେଙ୍ଗୁ। ଏମାନଙ୍କ ମଧ୍ୟରେ ଭୟଙ୍କର ଏବଂ ମାରାତ୍ମକ ହେଉଛି ଏଡ୍‌ସ। ଏଡ୍‌ସ ଏକ ଇଂରାଜିରେ ସଂକ୍ଷିପ୍ତ ଆକାର, ଯାହାର ସଂପୂର୍ଣ୍ଣ ନାମ ହେଉଛି- Acquired/Immunodeficiency Syndroms.। ଏହି ରୋଗ ଏକ ଭୂତାଣୁଜନିତ ରୋଗ ଯାହାର ଭୂତାଣୁର ନାମ ଏଚ୍.ଆଇ.ଭି (H.I.V)। ଏହି ଭୂତାଣୁ ଦୁଇ ପ୍ରକାରର। ଏଚ୍.ଆଇ.ଭି-୧ ଏବଂ ଏଚ୍.ଆଇ.ଭି-୨, ଏଚ୍.ଆଇ.ଭିର ସପୂର୍ଣ୍ଣ ନାମ ହେଉଛି- Human immunodeficieny Virus। ଏହି ଭୂତାଣୁ ଅର୍ଥ ମାନବ ଶରୀରରରେ ଅଭାବ ସୃଷ୍ଟିକାରୀ ଭୂତାଣୁ, ଯାହା ମାନବ ଶରୀରରେ ପ୍ରବେଶ କଲେ ଏଡ୍‌ସ ସୃଷ୍ଟି କଲେ। ଏଡସ୍ ମାନେ ହେଉଛି ଅର୍ଜିତ ରୋଗର ପ୍ରତିରୋଧର ଶକ୍ତି ଅଭାବଜନିତ ବିଭିନ୍ନ ଲକ୍ଷଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୦୫ ସୁଦ୍ଧା ପୃଥିବୀରେ ୪ କୋଟି ୩୦ ଲକ୍ଷ ଲୋକ ଏହି ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ୧୯୮୧ ଏବଂ ୨୦୦୭ ମଧ୍ୟରେ ପ୍ରାୟ ୨୫ ନିୟୁତ ଲୋକ ପ୍ରାଣ ହରାଇଥିଲେ ଏବଂ ୩୩.୨ ନିୟୁତ ଲୋକ ବିଶ୍ୱରେ ଆକ୍ରାନ୍ତ ହୋଇ ଜୀବନ ବିତାଉଥିଲେ।



ଏହା ବିଶ୍ୱ ଇତିହାସରେ ଏକ ଭୟଙ୍କର ବେମାର। ନାନାପ୍ରକାର ପ୍ରତିଷେଧକ ବ୍ୟବସ୍ଥାର ପ୍ରୟୋଗ ସତ୍ତ୍ୱେ ତଥାପି ୨୦୦୭ ବେଳକୁ ୨ ନିୟୁତ ଲୋକ ଏଥିରେ ଆକ୍ରାନ୍ତ ଥିଲେ, ଯେଉଁମାନଙ୍କ ମଧ୍ୟରେ କେବଳ ଶିଶୁ ଥିଲେ ୨୭୦୦୦୦ ଜଣ। ସଂପ୍ରତି ବିଶ୍ୱରେ ଏହି ସଂଖ୍ୟା ୩୩ ନିୟୁତ ଥିଲାବେଳେ, ଆମ ଭାରତରେ ଏହି ସଂଖ୍ୟା ୨.୫ ନିୟୁତ ଓ ଓଡିଶାରେ ଏହି ସଂଖ୍ୟା ୨୬,୩୦୦ ଅଛି। ଓଡିଶାରେ ଗଂଜାମ ଜିଲ୍ଲାରେ ଆମ ରାଜ୍ୟ ଏଡ୍‌ସ ରୋଗୀ ସଂଖ୍ୟାର ପ୍ରାୟ ୪୦% ବାସ କରନ୍ତି । ଗଂଜାମ ବ୍ୟତୀତ, କଟକ, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ରାୟଗଡା, ପୁରୀ, ବାଲେଶ୍ୱର ଏବଂ ଅନୁଗୁଳ ଜିଲ୍ଲାମାନଙ୍କରେ ଏହି ସଂକ୍ରମିତ ସଂଖ୍ୟା ମଧ୍ୟ କମ୍ ନୁହେଁ। ଏ ପ୍ରକାର ରୋଗ ସମ୍ବନ୍ଧରେ ପ୍ରଥମ ସୂଚନା ୧୯୮୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଜର୍ଜିଆ ପ୍ରଦେଶର ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିଲା ଏବଂ ଆମ ଭାରତରେ ୧୯୮୬ ମସିହାରେ ପ୍ରଥମେ ଏହି ସୂଚନା ତାମିଲନାଡୁରୁ ମିଳିଥିଲା। ୧୯୯୨ ମସିହାରେ ପ୍ରଥମ ଏଡ୍‌ସ ରୋଗୀକୁ ଚିହ୍ନଟ କରାଯାଇଥିଲା।

ଏହି ଭୂତାଣୁ ରୋଗୀର ରକ୍ତକୋଷ, ବୀର୍ଯ୍ୟ , ଲୁହ, ଲାଳ, ମା' କ୍ଷୀର ଏବଂ ସ୍ତ୍ରୀମାନଙ୍କ ଜନନେନ୍ଦ୍ରିୟ ଦ୍ୱାରରୁ ବାହାରୁଥିବା ଲାଳରେ ଥାଆନ୍ତି। ଏଣୁ ଏଚ୍‌ଆଇଭି ସଂକ୍ରମଣଜନିତ ରୋଗୀ ସହିତ ସଂପର୍କ ରଖିଲେ ବିଶେଷ କରି ଯୌନସଂପର୍କ ଅଥବା ରକ୍ତସଂପର୍କ ରଖିଲେ, ଜଣଙ୍କଠାରୁ ଏହା ଅନ୍ୟମାନଙ୍କୁ ବାହିତ ହୋଇଥାଏ। ଏହି ସଂକ୍ରମଣର ୫ଟି ମାର୍ଗ ଅଛି। ଶାରୀରିକ ସଂପର୍କ-୧; ଆକ୍ରାନ୍ତ ବ୍ୟକ୍ତିର ରକ୍ତ ସୁସ୍ଥବ୍ୟକ୍ତି ଗ୍ରହଣ କଲେ- ୨; କିମ୍ବା ବ୍ୟବହୃତ ଛୁଂଚି ଯଦି ଅନ୍ୟ କୌଣସି ବ୍ୟକ୍ତିଠାରେ ବ୍ୟବହାର ହୁଏ-୩, ଆକ୍ରାନ୍ତ ଅଂଗ ଅନ୍ୟ କାହାଠାରେ ପ୍ରତିରୋପଣରେ ବ୍ୟବହାର ହୁଏ-୪, ଏବଂ ଗର୍ଭାବସ୍ଥାରେ ଏଚ୍.ଆଇ.ଭି. ଆକ୍ରାନ୍ତ ମା'ଠାରୁ ଶିଶୁକୁ ଏହା ସଂକ୍ରମିତ ହୁଏ । ଆକ୍ରାନ୍ତ ମା'ମାନେ ନିଜ ଛୁଆକୁ କ୍ଷୀର ପାନ କରାଇବା ଦ୍ୱାରା ଏହି ରୋଗ ସଂକ୍ରମିତ ହୁଏ। ଜନ୍ମହେବାର ୧୮ମାସ ଭିତରେ ୩୦% ଶିଶୁ ଏହି ରୋଗରେ ପଡିଥାନ୍ତି। ଏହି ଶିଶୁମାନଙ୍କ ମଧ୍ୟରୁ ଅଧିକାଂଶ ଏକବର୍ଷ ଭିତରେ ଏବଂ ଅନ୍ୟମାନେ ପାଂଚବର୍ଷ ଭିତରେ ମୃତ୍ୟୁବରଣ କରିଥା'ନ୍ତି। ଉପରୋକ୍ତ କାରଣଗୁଡିକୁ ବାଦ୍ ଦେଲେ ଦାରିଦ୍ର୍ୟ, ନିର୍ଯାତନା, ଅନାହାର, ଅସହାୟତା, ସମଲିଂଗ ସଂପର୍କ, ନିଶାସେବନ ଏବଂ ବୈଧବ୍ୟ ଇତ୍ୟାଦି ଏଡ୍‌ସ ରୋଗର ମଧ୍ୟ କାରଣ ଅଟନ୍ତି।

ଏହି ରୋଗର ପରିପ୍ରକାଶ ପାଇଁ ୨ମାସରୁ ୨୦ବର୍ଷ ସମୟ ଲାଗେ। କେତେକ କ୍ଷେତ୍ରରେ ୧୦ ବର୍ଷରେ ଏହାର ଲକ୍ଷଣ ଦେଖାଯାଏ। ଏହି ରୋଗର ଲକ୍ଷଣ ସ୍ୱରୂପ ପ୍ରଥମେ ଜ୍ୱର ହେବା, ମାଂସପେଶୀ ଦରଜ ଲାଗିବା, ଲିମ୍ଫୋଗ୍ଲାଣ୍ଡ ଫୁଲିବା ଇତ୍ୟାଦି ଦେଖାଯାଏ।

ଏହି ରୋଗର ନିରୂପଣ ନିମନ୍ତେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା କରାଯାଏ। ଯଥା- ଏଲିସା ଏବଂ ଓ୍ୱେଷ୍ଟର୍ଣ୍ଣ ବ୍ଲଡ ଟେଷ୍ଟ ସିଡି-ପୋର ଲିମ୍ଫୋସାଇଟ୍ ପରୀକ୍ଷା ହୁଏ। ଏଚ୍.ଆଇ.ଭି. ଆଣ୍ଟିବଡି ଟେଷ୍ଟ ସିଡି-ପୋର ଟେଷ୍ଟର ପରୀକ୍ଷା ଏବଂ ରୋଗର ଲକ୍ଷଣ ଦେଖି ରୋଗକୁ ଚିହ୍ନଟ କରାଯାଇଥାଏ।

ଏହି ରୋଗ ଥରେ ଆକ୍ରାନ୍ତ କଲେ ରକ୍ତରୁ ଏହି ଭୂତାଣୁକୁ ବାହାର କରିବା ଅସମ୍ଭବ। ତେବେ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହୋଇପାରିଲେ ଏଚ୍.ଆଇ.ଭି. ସଂକ୍ରମଣରୁ ରୋଗକୁ ରୋକାଯାଇପାରିବ। ନିୟମିତ ଡାକ୍ତରୀ ପରାମର୍ଶ ମାନି ଚଳିଲେ ଏଚ୍.ଆଇ.ଭି.ଗ୍ରସ୍ତ ବ୍ୟକ୍ତି ସାଧାରଣ ଜୀବନଯାପନ କରିବାରେ କୌଣସି ଅସୁବିଧା ନାହିଁ। ଏବେ ଏଡ୍‌ସ ରୋଗୀଙ୍କ ପାଇଁ ଆଣ୍ଟିରେଟ୍ରୋଭିରାଲ ଥେରାପି (ଏଆରଟି) ବ୍ୟବହାର ହେଉଛି। ଏହା ସହିତ ଉତ୍ତମ ଖାଦ୍ୟ ଖାଇବା, ମନକୁ ହାଲ୍‌କା ରଖିବା ତଥା ଭିଟାମିନ ବ୍ୟବହାର କରିବା ଦ୍ୱାରା ରୋଗୀ ତା' ନିଜ ଜୀବନକୁ ଦୀର୍ଘତ୍ୱ କରାଇଥାଏ।

ଗୋଟାଏ ପ୍ରବାଦ ଅଛି ଯେ ରୋଗ ହେବା ପୂର୍ବରୁ ତା'ର ପ୍ରତିଷେଧକ ବ୍ୟସ୍ଥାଟି ସର୍ବୋତ୍ତମ (Prevention is better than Cure)। ଏହା ରୋଗ ଭୂତାଣୁକୁ ଶରୀରକୁ ମଡାଇଦିଏ ନାହିଁ। ଏଥିପାଇଁ କେତୋଟି ପ୍ରତିଷେଧକ ପଦ୍ଧତି ଅଛି। ପ୍ରଥମଟି ହେଲା- ପ୍ରାଇମେରୀ ପ୍ରୋଫାଇଲାକିସିସ୍: ଏହା କିଛି ଟୀକାର ବ୍ୟବସ୍ଥା। ଏହା ସୁଯୋଗ ଖୋଜୁଥିବା ଜୀବାଣୁକୁ ଶରୀର ମଧ୍ୟକୁ ପ୍ରବେଶ କରାଇଦିଏ ନାହିଁ; ଦ୍ୱିତୀୟଟି ହେଲା: ସେକେଣ୍ଡାରୀ ପ୍ରୋଫାଇଲାକିସିସ୍: ଏହା ମଧ୍ୟ ସେହିପ୍ରକାର ଏକ ଚିକିତ୍ସା ବ୍ୟବସ୍ଥା ଏବଂ ତୃତୀୟତଃ ମା' ଗର୍ଭାବସ୍ଥାରେ ଥିଲେ ମା'କୁ ରେଟ୍ରୋଭାଇରାଲ ଆଣ୍ଟି ବାୟୋଟିକ୍ ଦେବା ସହ ପିଲା ଜନ୍ମ ହେଲାପରେ ପିଲାକୁ ଦେବାକୁ ଦରକାର ପଡିଥାଏ।

ଏଡ୍‌ସକୁ ନିୟନ୍ତ୍ରଣ କରିବାରେ ବିଶ୍ୱସ୍ତରରେ, ଆମ ଦେଶରେ ଏବଂ ଏମିତିକି ଆମ ରାଜ୍ୟରେ ବିଭିନ୍ନ ବ୍ୟବସ୍ଥାମାନ ଅଛି। ଏମିତିକି ଆମ ରାଜ୍ୟର ପ୍ରତି ଜିଲ୍ଲାରେ ଏଚ୍.ଆଇ.ଭି. ପରୀକ୍ଷା ନିମନ୍ତେ କେନ୍ଦ୍ର ଖୋଲାଯାଇ ସେଠାରେ ରକ୍ତ ପରୀକ୍ଷାମାନ କରାଯାଏ। ରୋଗ ନିରୂପଣ ହେଲେ ମାଗଣା ଚିକିତ୍ସା ଓ ଔଷଧ ବ୍ୟବସ୍ଥା ଅଛି। ଆକ୍ରାନ୍ତ ବ୍ୟକ୍ତିଙ୍କୁ ସହାୟତା ନିମନ୍ତେ 'ମୋ କୁଡିଆ ଯୋଜନା', 'ମଧୁବାବୁ ପେନ୍‌ସନ୍ ଯୋଜନା' ଏବଂ ସମସ୍ତ ସଂକ୍ରମିତ ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ରଖି ବି.ପି.ଏଲ. ବା ଅନ୍ତୋଦୟ ଅନ୍ନ ଯୋଜନା, ସାମାଜିକ ନିରାପତ୍ତା ଯୋଜନା ଏବଂ ଚିକିତ୍ସା କେନ୍ଦ୍ରକୁ ଯାତାୟାତ ପାଇଁ ସରକାରୀ ଓ ବେସରକାରୀ ଯାନବାହନରେ ମାଗଣା ଯାତାୟାତ ଯୋଜନାମାନ ଆମ ସରକାର କରିଛନ୍ତି। ସେହିପରି ଆକ୍ରାନ୍ତ ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ନିମନ୍ତେ ସମନ୍ୱିତ ଶିଶୁବିକାଶ ଯୋଜନା କରାଯାଇଛି।

ଦୁଃଖ ଯେ ଅନେକ ସଂକ୍ରମିତ ନିଜ ରୋଗକୁ ଲୁଚାଇ ରଖନ୍ତି ପଛେ, ସାମଜିକ ଲଜ୍ଜା ବା ଲାଞ୍ଛନା କାରଣରୁ ଡାକ୍ତରଖାନା ଯାଆନ୍ତି ନାହିଁ କି ଚିକିତ୍ସା କରନ୍ତି ନାହିଁ। ଆମେ ତ ଏମିତି ଏକ ସମାଜରେ ଅଛୁ ଯେ ଏପରି ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ବହୁତ ଘୃଣା କରୁ। ଏମିତିକି ସ୍ପର୍ଶ କରିବାକୁ କୁଣ୍ଠାବୋଧ, ସତେ ଯେମିତି ସେମାନେ କୁଷ୍ଠାକ୍ରାନ୍ତ। 'ନିଜେ ବଂଚିଲେ ଯୁଗ ଦେଖିବା' ନ୍ୟାୟରେ ସଂକ୍ରମିତମାନେ ଚିକିତ୍ସା ପାଇଁ ଆତ୍ମପ୍ରକାଶ କରନ୍ତୁ । ସେହିପରି ଯେଉଁମାନେ ତାଙ୍କୁ ଘୃଣା କରନ୍ତି, ଜାଣନ୍ତୁ ଯେ ଏହା ଡିଆଁ ବା ଛୁଆଁ ରୋଗ ନୁହେଁ। ରୋଗର କାରଣଗୁଡିକ ପ୍ରତି ସଚେତନ ରହିଲେ ସବୁ ଠିକ୍। ଏଡ୍‌ସ ପାଇଁ ଏଡ୍ (ସାହାଯ୍ୟ) ନାହିଁ, ଏ ପ୍ରକାର ଧାରଣା ସଂପୂର୍ଣ୍ଣ ଭୁଲ। ଅନ୍ୟପକ୍ଷରେ ଏଥିପାଇଁ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରାଇବା ଉଚିତ୍। ରୋଗୀକୁ ସହାନୁଭୂତି ସହ ବଂଚିବାରେ ସହାୟତା କରିବା ଆମର ପରମ କର୍ତ୍ତବ୍ୟ।

ବିଶ୍ୱସ୍ତରରେ ଏଡ୍‌ସ/ଏଚ.ଆଇ.ଭି. ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ନାନା କାର୍ଯ୍ୟକ୍ରମ ରଖାଯାଇଛି ଏବଂ ଏହି ଦିବସଟିକୁ ପାଳନ କରିବା ନିମନ୍ତେ ପ୍ରତିବର୍ଷ ୧ ଡିସେମ୍ବରକୁ ନିଶ୍ଚିତ କରାଯାଇଛି। ବିଶ୍ୱସ୍ତରୀୟ ଏଡ୍‌ସ ଦିବସ ୧ ଡିସେମ୍ବର ୧୯୮୮ଠାରୁ ପାଳିତ ହୋଇଆସୁଅଛି । ଆମେ ତ କେବଳ ଏହାର ଅଂଶୀଦାର ହେବାନାହିଁ, ଅନ୍ୟପକ୍ଷରେ ଆନ୍ତର୍ଜାତିକ, ଜାତୀୟ ଏବଂ ଆମ ରାଜ୍ୟସ୍ତରରେ ଏଡ୍‌ସ ଶୂନ୍ୟ କରିବା ନିମନ୍ତେ ଆସନ୍ତୁ ପ୍ରଯତ୍ନ କରିବା ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮




# ଅମୃତ ମହୋତ୍ସବର ଅନୁଚିନ୍ତା

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ କରୁଛି । ଇତିହାସ କିମ୍ବା ପୁରାଣ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ଯେ, ଭାରତ ଦିନେ ଏକ ସୁନାର ଭାରତ ଥିଲା । କୁହାଯାଏ 'ଯାହା ନାହିଁ ଭାରତେ ତାହା ନାହିଁ ମରତେ ।' କପିଳ ସଂହିତାରେ ଉଲ୍ଲେଖ ଅଛି "ବର୍ଷାଣାଂ ଭାରତ ଶ୍ରେଷ୍ଠ ଦେଶ ମଧେ ଚ ଉତ୍କଳ ସ୍ମୃତ ।' ଉତ୍କଳସ୍ୟ ସମ ଦେଶୋ ଦେଶ ନାସ୍ତି ମହି ତଳେ ।" ପ୍ରାଚୀନ ଅଖଣ୍ଡ ଭାରତ ଧନଧାନ୍ୟରେ ଭାରି ରହି ଥିଲା । ଭାରତ ଥିଲା ପୁଣ୍ୟଭୂମି, ତପଭୂମି, ମୋକ୍ଷଭୂମି ଓ ସାଧୁସନ୍ଥମାନଙ୍କ ଦେଶ । ଯୁଗେ ଯୁଗେ ଭଗବାନ ରାମ, କୃଷ୍ଣ, ପର୍ଶୁରାମ, ବୁଦ୍ଧ ଏହି ଭାରତର ପୁଣ୍ୟ ଭୂମିରେ ଦେହ ଧାରଣ କରିଥିଲେ । ପାଶ୍ଚାତ୍ୟ ଦେଶର ଲୁଟେରାମନେ ଭାରତ ଦେଶର ଧନ ଉପରେ ଲୋଲୁପ ଦୃଷ୍ଟି ପକାଇ ବିଭିନ୍ନ ସମୟରେ ଭାରତ ଉପରେ ଆକ୍ରମଣ କରି ଧନ ସମ୍ପତ୍ତି ଲୁଣ୍ଠନ କରିଥିଲେ । ଗଜନୀର ସୁଲତାନ ମାମୁଦ ୧୭ ଥର ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ଧନ ସମ୍ପତ୍ତି ଲୁଣ୍ଠନ କରିଥିଲେ । ଗ୍ରୀସ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କରି ବିପୁଳ ଧନ ସମ୍ପତ୍ତି, ଘୋଡା ଓ ହାତୀମାନଙ୍କ ପିଠିରେ ଲଦି ନେଇଯାଇଥିବା କଥା ଇତିହାସ କହେ । ଭାରତ ବର୍ଷ ୬୦୦ ବର୍ଷ ମୋଗଲ ଓ ୨୦୦ ବର୍ଷ ଇଂରେଜ ମାନଙ୍କ ଶାସନାଧୀନ ଥିଲା । ଏହିକାଳ ଖଣ୍ଡ ମଧ୍ୟରେ ଭାରତ ବର୍ଷର ଅମାପ ଧନ ସମ୍ପତ୍ତି ବିଦେଶୀମାନଙ୍କ ଦ୍ୱାରା ଲୁଣ୍ଠିତ ହୋଇଥିଲା । ୧୯୪୭ ଅଗଷ୍ଟ ୧୫ ଦିନ ଇଂରେଜ ସରକାର ଭାରତୀୟ ନେତାମାନଙ୍କୁ ଶାସନଭାର ଅର୍ପଣ କରିଥିଲେ । ସେହି ଦିନଟିକୁ ଭାରତର ନାଗରିକମନେ ସ୍ୱାଧୀନତା ଦିବସ ଭାବେ ପ୍ରତିବର୍ଷପାଳନ କରି ଆସୁଛନ୍ତି । ଇତି ମଧ୍ୟରେ ୭୪ ବର୍ଷ ଅତିବାହିତ ହୋଇ ୭୫ ବର୍ଷରେ ପଦାର୍ପଣ କରିଛି ଓ ଏହି ଅବସରରେ ଦେଶ ଆଜି ଅମୃତ ମହୋତ୍ସବ ପାଳନ କରୁଛି । ଏହି ବିତି ଯାଇଥିବା ବର୍ଷ ଭିତରେ ଦେଶ କେତେ ଆଗକୁ ଯାଇଛି ଓ ବିଶ୍ୱର ଅନ୍ୟାନ୍ୟ ବିକାଶଶୀଳ ଦେଶମାନଙ୍କ ସହିତ କିଭଳି ତାଳ ଦେଇ ପାରିଛି ତା'ର ଆଲୋଚନା କରିବାର ସମୟ ଉପନୀତ ହୋଇଛି । ଭାରତବର୍ଷ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ଯାଇଛି । ବିଶ୍ୱର କେତୋଟି ହାତଗଣତି ବିକାଶଶୀଳ ରାଷ୍ଟ୍ର ଭିତରେ ନିଜର ସ୍ଥାନକୁ ସଂରକ୍ଷିତ କରିପାରିଛି । ଆଗାମୀ କିଛି ବର୍ଷ ଭିତରେ ଭାରତ ବିଶ୍ୱଗୁରୁ ବନିବାର ସ୍ୱପ୍ନ ମଧ ଦେଖୁଛି । ଦୀର୍ଘ ୭୫ ବର୍ଷ ଯାତ୍ରାରେ ଦେଶ ପ୍ରତ୍ୟେକ କ୍ଷେତ୍ର ଯଥା– ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରତିରକ୍ଷା, ଶିଳ୍ପ, ଟେଲିକମ୍, ଗମନାଗମନ, ବୈଷୟିକ ଜ୍ଞାନକୌଶଳ ଆଦି କ୍ଷେତ୍ରରେ ଅଭୁତପୂର୍ବ ସଫଳତା ହାସଲ କରିଛି । ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶାସନ କାଳରେ ଭାରତ ଇଲେକ୍ଟ୍ରୋନିକ୍ସ ସେକ୍ଟରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିଲା । ଠିକ ସେହିପରି ସ୍ୱର୍ଗତ ଅଟଳ ବିହାରୀ ବଜପାୟୀଙ୍କ ଶାସନ କାଳରେ ଦେଶରେ ସଡ଼କ ନିର୍ମାଣ ବା ଗମନାଗମନ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆସିଥିଲା । ଗମନାଗମନ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ସର୍ବାଦୌ ସ୍ମରଣୀୟ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ଅନେକ ପଛରେ ଥିଲା । ଆମ୍ଭେ ଜଟିଳ ରୋଗର ଉପଶମ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁଥିଲା । ଆଜି ଆମ ଦେଶରେ ଅନେକ ସୁପର ସ୍ପେଶିଆଲିଟି ହସ୍ପିଟାଲମାନ ଖୋଲି ଗଲାଣି, ଯାହାଫଳରେ ଆମ୍ଭଙ୍କୁ ଆଉ ବିଦେଶ ଉପରେ ନିର୍ଭରଶୀଳ ହେବାକୁ ପଡୁନାହିଁ । ଅତି କମ ସମୟ ଭିତରେ ଆମ ଦେଶର ବୈଜ୍ଞାନିକ ମନେ କୋଭିଡ଼ ମହାମାରୀ ପାଇଁ ଟୀକାର ଉଦ୍ଭାବନ କରି ବିଶ୍ୱ ସମୁଦାୟ


ପ୍ରଦୀପ୍ତ କୁମାର ଜେନା

ନିକଟରେ ନିଜକୁ ପ୍ରତିଷ୍ଠା କରି ପାରିଥିଲେ । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇଚ୍ଛା ଶକ୍ତି ଓ ଆମ ଦେଶର ବୈଜ୍ଞାନିକମାନଙ୍କ ପ୍ରଚେଷ୍ଟା ଦ୍ୱାରା ଏ କାର୍ଯ୍ୟ ସଫଳ ହୋଇଥିଲା । ବୈଷୟିକ ଜ୍ଞାନ କୌଶଳରେ ଆମ୍ଭେ ବିଶ୍ୱର ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ସହିତ ସମାନ ନୁହନ୍ତି; କିନ୍ତୁ ବର୍ତ୍ତମାନର ସରକାର ମେକି ଇନ୍ ଇଣ୍ଡିଆ ଯୋଜନାରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିଜସ୍ୱ ଆବଶ୍ୟକୀୟ ପ୍ରତିରକ୍ଷ ସାମଗ୍ରୀକୁ ତିଆରି କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି । ଭାରତ ଦିନେ ଆମେରିକା, ଚାଇନା, ରୁଷିଆ ଭଳି ବିକାଶଶୀଳ ଦେଶଗୁଡିକୁ ସାମ୍ନା କରିବାକୁ ସାହସ କରି ପାରୁନଥିଲା । ସମୟର ପରିବର୍ତ୍ତନ ହେଇଛି । ବିଶ୍ୱର ମହାଶକ୍ତିକୁ ସାମ୍ନା କରିବା ପାଇଁ ଭାରତ ସାହସ ଜୁଟାଇପାରୁଛି । ଜମ୍ମୁ କାଶ୍ମୀରରୁ ଧାର ୩୭୦ ଓ ୩୫ (କ) ଉଚ୍ଛେଦ କରି ବର୍ତ୍ତମାନର ସରକାର ସମଗ୍ର ବିଶ୍ୱକୁ ନିଜର ଶକ୍ତି ଓ ସାମର୍ଥ୍ୟର ପରିଚୟ ଦେଇପାରିଛନ୍ତି । ଆମ ଦେଶ ୧୯୪୭ ମସିହାରେ ସ୍ୱାଧୀନତା ପାଇଥିଲା ସତ୍ୟ କିନ୍ତୁ ଭାରତର ଅତ୍ୟନ୍ତ ସମ୍ବେଦନଶୀଳ ରାଜ୍ୟ ଜମ୍ମୁ କାଶ୍ମୀର ଭାରତ ସରକାରଙ୍କ ଶାସନାଧୀନ ନଥିଲା କହିଲେ ଚଳେ । ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ମୋଦି ସରକାର ଜମ୍ମୁ କାଶ୍ମୀରରୁ ୩୭୦ ଓ ୩୫(କ) ଧାରା ଉଚ୍ଛେଦ କରି ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ଇତିହାସ ତାଙ୍କୁ ନିଶ୍ଚିତ ମନେ ରଖିବ । ଏ ସବୁ ସତ୍ତ୍ୱେ ଭାରତ ୭୫ ବର୍ଷ ଭିତରେ ଯେତିକି ଅଗ୍ରଗତି କରିବା କଥା କରିନାହିଁ । ଭାରତ ସ୍ୱାଧୀନତା ପାଇବା ସମୟରେ ଜାପାନ ସ୍ୱାଧୀନତା ହାସଲ କରିଥିଲା । ଆଜି ଭାରତ ଜାପାନ ସହିତ ତୁଳନୀୟ ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ ଜାପାନ ଭାରତଠାରୁ ବହୁତ ଆଗରେ । କାରଣ ଜାପାନର ନାଗରିକମାନେ ବହୁତ ପରିଶ୍ରମୀ ଓ ଦେଶ ଭକ୍ତ । ଭାରତର ଲୋକମାନେ ତା'ର ବିପରୀତ । ସେମାନେ ସ୍ୱାର୍ଥାନ୍ଧ । ଦେଶ କଥା ଚିନ୍ତା କରିବା ପରିବର୍ତ୍ତେ ସର୍ବଦା ନିଜ କଥା ଚିନ୍ତା କରିଥା'ନ୍ତି ।ଦେଶର ନେତାମାନେ କ୍ଷମତା ଲୋଭୀ । ଦେଶ ସେବା ଅପେକ୍ଷା ସେମାନେ କିଭଳି କ୍ଷମତାରେ ରହିବେ ସେହି କଥା ଚିନ୍ତା କରିଥା'ନ୍ତି । ଦେଶ ପାଇଁ ସେମାନେ କମିଟେଡ୍ ନୁହଁନ୍ତି ।ଦୁର୍ନୀତି ଭାରତୀୟମାନଙ୍କ ଅସ୍ଥି ମଜ୍ଜାଗତ ଯାହାକି ଦେଶର ପ୍ରଗତି ପାଇଁ ମୁଖ୍ୟ ପ୍ରତିବନ୍ଧକ । ଦେଶର ପ୍ରଗତି ବ ସ୍ୱାର୍ଥ ଅପେକ୍ଷା ଭାରତୀୟ ମନେ ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି । ଦେଶର ରାଜନେତାମାନେ ଅତ୍ୟନ୍ତ ଦୁର୍ନୀତି ଗ୍ରସ୍ତ ଓ ତୁଷ୍ଟିକରଣ ରାଜନୀତିରେ ବ୍ୟସ୍ତ । ଦେଶର ଦୁର୍ନୀତି ନିବାରଣ ସଂସ୍ଥା ଦୁର୍ନୀତିରେ ଲିପ୍ତ । ଫଳରେ ଭାରତ ଯେଉଁ ଭାବରେ ପ୍ରଗତି କରିବା କଥା ତାହା କରି ପାରୁନାହିଁ । ଭାରତ ଅନ୍ୟ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ସହିତ ସମକକ୍ଷ ହେବାକୁ ହେଲେ ଦୁର୍ନୀତି ଭଳି ବ୍ୟାଧିକୁ ଦୂର କରିବାର ଆବଶ୍ୟକତା ଅଛି । ପ୍ରତ୍ୟେକ ବ୍ୟକ୍ତି ମନରେ ଦେଶ ପ୍ରେମର ଭାବନା ସୃଷ୍ଟି ହେବ ଉଚିତ୍ । ସୁଭାଷ ଚନ୍ଦ୍ର ବୋଷ ଓଉଝ ଚାକିରୀ ଛାଡ଼ି ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ । ଆଜି ବିଧାୟକ ହୁଅନ୍ତୁ କିମ୍ବା ସାଂସଦ, ଯେତେବେଳେ ସେମାନଙ୍କ ଦରମା ବୃଦ୍ଧିର ପ୍ରସ୍ତାବ ଆସୁଛି ସମସ୍ତେ ଏକ ସ୍ୱରରେ ଏହି ପ୍ରସ୍ତାବ କୁ ସମର୍ଥନ କରୁଛନ୍ତି । କେହି ଜଣେ କହୁନାହିଁ ରାଜନୀତି ଏକ ସେବା । ସେଥିରେ ଦରମା ଓ ଭତ୍ତା ନରହିବା ଉଚିତ । ଆଜି ଭାରତରେ ବେକାରୀ ସଂଖ୍ୟ ଉଦ୍‌ବେଗଜନକ । ଗରିବ ଗରିବ ହେଉଛି ଓ ଧନୀ ଧନୀ ହେଉଛି ଭାରତ ବର୍ଷରେ କୋଟି କୋଟି ଲୋକ ଦିନକୁ ଦୁଇବେଳା ପେଟପୁର ଖାଇବାକୁ ପାଉନାହାନ୍ତି । କୋଟି କୋଟି ଶିକ୍ଷିତ ବେକାର ଖଣ୍ଡିଏ ଚାକିରୀ ପାଇଁ ଏ ରାଜ୍ୟରୁ ସେ ରାଜ୍ୟକୁ ବୁଲୁଛି । ସେମାନଙ୍କ ପାଇଁ ଅମୃତ ମହୋତ୍ସବର ମାନେ କ'ଣ ଅଛି ! ସମ୍ବିଧାନରେ ୧୦ ବର୍ଷ ପାଇଁ ସଂରକ୍ଷଣ ଥିବାବେଳେ ତାହା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି । କୌଣସି ସରକାର ସମୀକ୍ଷ କରିବାକୁ ଆଗେଇ ଆସୁ ନାହାନ୍ତି । କେବଳ ଭୋଟ ନ ମିଳିବାର ଭୟ । ଆମ ଦେଶରେ କ୍ଷମତା କୈନ୍ଦ୍ରିକ ରାଜନୀତି ମୁଖ୍ୟତ ପ୍ରଗତିରେ ବାଧକ ସାଜୁଛି । ଯେଉଁ ସରକାର ନିରପେକ୍ଷ ଭାବରେ ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବ ସେ ସରକାର ପୁନଃର୍ବାର କ୍ଷମତାକୁ ଫେରିପାରିବ ନାହିଁ । ଯେଉଁଥିପାଇଁ କୌଣସି ସରକାର ସଠିକ ଭାବରେ ଦେଶ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁନାହାନ୍ତି । ଯେଉଁଦିନ ଦେଶର ସରକାର ଭବିଷ୍ୟତ ଚିନ୍ତା ନକରି ଦେଶ ସ୍ୱାର୍ଥ ପାଇଁ କାମ କରିବ ସେହି ଦିନ ଦେଶର ମଙ୍ଗଳ ହେବ । ଦେଶ ଗଠନ ବା ଦେଶ ପ୍ରଗତିରେ ରାଜନେତା ମାନଙ୍କ ଯେତିକି ଭୂମିକ୍ୱ ଅଛି ଜନସାଧାରଣଙ୍କ ସେତିକି ଭୂମିକା ଅଛି । ଆମ ଦେଶରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେକି କେତେଟା ଟଙ୍କା ପାଇଁ ଅତ୍ୟନ୍ତ ଗୋପନୀୟ ଓ ସମ୍ବେଦନଶୀଳ ତଥ୍ୟକୁ ଶତ୍ରୁ ଦେଶକୁ ବିକ୍ରି କରି ଦେଉଛନ୍ତି । ଏହି ଭଳି ଦେଶଦ୍ରୋହୀ ମାନଙ୍କୁ ନେଇ ଦେଶ କିଭଳି ଆଗେଇ ପାରିବ । ଦେଶ ଅମୃତ ମହୋତ୍ସବ ପାଳନ କଲେ ଦେଶର କିଛି ପରିବର୍ତନ ହେବନାହିଁ । ଦେଶର ଲୋକମାନେ ଘିଅ ମହୁରେ ଭାସିବେ ନାହିଁ । ଦେଶକୁ ଆଗକୁ ନେବାକୁ ହେଲେ ପ୍ରତ୍ୟେକ ନାଗରିକ; ସେ ଯନ୍ତ୍ରୀ ହେଉ କି ମନ୍ତ୍ରୀ ହେଉ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେବା ପରିବର୍ତେ ଦେଶର ସ୍ୱାର୍ଥ କୁ ଗୁରୁତ୍ୱ ଦେବାର ସଂକଳ୍ପ ନେବାକୁ ପଡିବ । ସରକାର ତୁରନ୍ତ ଜନସଂଖ୍ୟ ନିୟନ୍ତ୍ରଣ ବିଲ ଆଣିବାର ଆବଶ୍ୟକତା ରହିଛି । କାରଣ ଜନସଂଖ୍ୟ ବଢିଲେ ବେକାରୀ ସମସ୍ୟା ବଢିବ । ପରିବେଶ ଅସନ୍ତୁଳିତ ହେବ ଇତ୍ୟାଦି । ଭାରତ ଏକ କୃଷି ପ୍ରଧାନ ଦେଶ ଓ ଏହାର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭର କରେ । କୃଷି ଓ କୃଷକମାନଙ୍କ ଉର୍ଣ୍ଣତି ପାଇଁ ସରକାର ସେଭଳି କିଛି ଆଖିଦୃଶିଆ ଯୋଜନା କରି ନାହାନ୍ତି । ଦେଖାଯାଉଛି ଗ୍ରାମାଞ୍ଚଳରେ ଶହଶହ ଏକର ଜମି ଚାଷ ନହୋଇ ପଡି ରହିଛି । ସରକାର ଏ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ପ୍ରୟୋଜନ । କ୍ଷମତାକୁ ହାତଛଡା ନକରିବା ପାଇଁ ସରକାର ଯେଉଁ ମାଗଣା ଯୋଜନା ଚାଲୁ କରୁଛନ୍ତି ତା'ର ପ୍ରଭାବ କୃଷି ଉପରେ ପଡିବା ସହିତ ଅର୍ଥନୀତି ପାଇଁ ବଡ କ୍ଷତିକାରକ । ସରକାର ମାଗଣା ଯୋଜନାକୁ ତୁରନ୍ତ ବନ୍ଦ କରିବା ଉଚିତ । ନାହିଁତ ଶ୍ରୀଲଙ୍କା ଭେନେଜୁଆଲ୍ ଭଳି ଦେଶର ପରିସ୍ଥିତିକୁ ନିମନ୍ତ୍ରଣ କରିବାକୁ ପଡିବ । ଏହି ଖୁସି ମୁହୂର୍ତ୍ତକୁ ଉପଭୋଗ କରିବା ସହିତ ଉପରୋକ୍ତ ଦିଗ ପ୍ରତି ଦେଶର ଜନସାଧାରଣ ତଥା ରାଜନେତା ଗୁରୁତ୍ୱ ଦେଇପାରିଲେ ଆଗାମୀ କିଛି ବର୍ଷ ଭିତରେ ଭାରତ ବିଶ୍ୱଗୁରୁ ସ୍ଥାନକୁ ଯାଇପାରିବ ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର*
*ମୋ : ୮୨୪୯୨୮୧୫୬୭*

# ନୂଆ ବଜାରରେ ବସଷ୍ଟାଣ୍ଡ ରହିବ; ନଗରପାଳ

ଭୁବନ, (ପି.ଏନ): ଭୁବନ ଏନ୍ଏସି ଅନ୍ତର୍ଗତ ଇଲେକ୍ଟ୍ରି ଅଫିସ ସମ୍ମୁଖ ଭଦଳିଆପଶି ମୌଜାର ଶ୍ମଶାନ ଜମିକୁ ପତିତ କିସମରେ ପରିବର୍ତନ କରି ନୂତନ ବସ୍‌ଷ୍ଟାଣ୍ଡ କରାଯିବାକୁ ପ୍ରଶାସନିକ ସ୍ତରରେ ହୋଇଥିବା ନିଷ୍ପତି/ଷଡ଼ଯନ୍ତ୍ରକୁ ନେଇ ନୂଆ ବଜାର ବଣିକସଂଘ ସମେତ ଭୁବନବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ବସଷ୍ଟାଣ୍ଡ ସ୍ଥାନାନ୍ତର ଘଟଣା ପ୍ରତିବାଦରେ ଗତକାଲି ଅପରାହ୍ନରେ ନୂଆବଜାରର ସମସ୍ତ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଲକ୍ଷ୍ମୀମନ୍ଦିର ସମ୍ମୁଖରେ ବଣିକସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜରୁରୀ ବୈଠକରେ ଯୋଗଦେଇ ପ୍ରତିବାଦ କରିଥିଲେ । ଏ ସମ୍ପର୍କରେ ଖବର ପାଇ ନଗରପାଳ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ପହଂଚି ନୂଆବଜାର ବଣିକସଂଘ ବ୍ୟବସାୟୀମାନଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ, ଦୀର୍ଘ ୫୦ ବର୍ଷହେଲା ନୂଆ ବଜାରରେ ଯେଉଁଭଳି ଭାବେ ବସଷ୍ଟାଣ୍ଡ ରହିଛି ଆଗକୁ ସେହିଭଳି ରହିବ । ନୂଆବଜାରରୁ ବସ୍‌ଷ୍ଟାଣ୍ଡ ଉଠିବ ନାହିଁ, ବସ୍‌ଷ୍ଟାଣ୍ଡ ଏଇଠି ରହିବ । ଭୁବନର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗାଡ଼ିମୋଟର ସଂଖ୍ୟା ଦୃଷ୍ଟିରୁ ଯାତ୍ରା ପଡ଼ିଆ ଠାରେ ବସ୍ ଟର୍ମିନାଲ ହେବ କିନ୍ତୁ ବସ୍ ଏଇଠି ରହିବ । ନୂଆବଜାରରୁ ହିଁ ଯାତ୍ରୀମାନେ ସେମାନଙ୍କର ଗନ୍ତବ୍ୟ ସ୍ଥାନକୁ ଯିବା ଆସିବା କରିବେ । ନୂଆବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା ଏନ୍ଏସିର ୫ଟି ଷ୍ଟଲ୍‌କୁ ଭଙ୍ଗା ଯାଇ ବାଳିକା ପ୍ରାଥମିକ ବିଦ୍ୟାଳୟକୁ ନୂଆ ବଜାର ସହିତ ମିଶ୍ରଣ କରାଯିବ । ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ମହଲା ଦୋକାନ ଘର କରାଯିବ, ଆପଣମାନେ ହିଁ ସେ ଘର ନେଇ ବ୍ୟବସାୟ କରିବେ ବୋଲି ନଗରପାଳ ଶ୍ରୀ ସାହୁ କହିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ଆଂଚଳିକ ପରିବହନ ଅଧିକାରୀ ଭଦଳିଆ ପଶି ମୌଜା ଖାତା ନଂ-୪୩୬ ପ୍ଲଟ ନଂ-୩୦୦୧ ଏ୪.୩୪ ଡେ. ମି ଶ୍ମଶାନ କିସମ ଉକ୍ତ ଶ୍ମଶାନ ଜାଗାକୁ ପତିତ କିସମରେ ପରିବର୍ତନ କରି ୧ ଏକର ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବା ସକାଶେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇବା ପରେ ତହସିଲଦାର ଗତ ତା ୨୯.୦୪.୨୦୨୧ ରିଖରେ ଚିଠି ନଂ-୧୮୧୨ରେ ଏକ ସର୍ବସାଧାରଣ ନୋଟିସ ଜାରିକରି ଜନସାଧାରଣଙ୍କ ମତାମତ/ଅଭିଯୋଗ ଲୋଡିଥିଲେ । ଭୁବନର ବିଭିନ୍ନ ବଣିକସଂଘ, ଅନୁଷ୍ଠାନ ଓ ସଂଗଠନ ତରଫରୁ ଏ ସଂପର୍କରେ ସ୍ଥାନୀୟ ତହସିଲଦାର କାମାକ୍ଷା ନଗର ଉପଜିଲ୍ଲାପାଳ, ଢେଙ୍କାନାଳ ଜିଲ୍ଲାପାଳ ଓ ଆଂଚଳିକ ପରିବହନ ଅଧିକାରୀଙ୍କ ନିକଟରେ ପ୍ରତିବାଦ/ଅଭିଯୋଗ କରିଥିଲେ । ନୂଆବଜାରରୁ ଭଦଳିଆପଶି ଯାତ୍ରା ପଡିଆକୁ ବସ୍‌ଷ୍ଟାଣ୍ଡ ଉଠିଗଲେ ନୂଆବଜାର ବ୍ୟବସାୟୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ । ଏଥିପାଇଁ ପରିତ୍ୟକ୍ତ ଅବସ୍ଥାରେ ଥିବା ବାଳିକା ପ୍ରାଥମିକ ବିଦ୍ୟାଳୟ ଓ ପୁରୁଣା ଥାନା ଏରିଆକୁ ନୂଆବଜାର ସହ ମିଶ୍ରଣ କରି ମଡେଲ ବସଷ୍ଟାଣ୍ଡ କରାଯିବାକୁ ଦାବି କରାଯାଇଥିଲା ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି । ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି । କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି । ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ । ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି । ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା । ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି । ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି । ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି ।

# ତୁଳସୀ ମହିଳା ମହାବିଦ୍ୟାଳୟର ୪୪ ତମ ସ୍ୱନକ୍ଷତ୍ର ପାଳନ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଗୋପ ଗ୍ରାମରେ ଥିବା ତୁଳସୀ ମହିଳା ମହା ବିଦ୍ୟାଳୟର ୪୪ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତି କରଣ ଦିଗରେ ଶିକ୍ଷା ହିଁ ପ୍ରକୃଷ୍ଟ ମାଧମ ଏହା ଉପଲବ୍ଧି କରି ତତ୍‌କାଳୀନ ନାରୀନେତ୍ରୀ ଧୀରାମଣୀ ଦେବୀ ଓ ତାଙ୍କ ସହିତ ଅକ୍ଳାନ୍ତ ପରିଶ୍ରମ କରି ଏ ଅନୁଷ୍ଠାନର ଜୀବନ୍ୟାସ କରିଥିବା ପ୍ରତିଭାମାନଙ୍କୁ ସ୍ମରଣ କରିବା ସହ ତୁଳସୀ ମହିଳା ମହା ବିଦ୍ୟାଳୟ ସେହି ଚିନ୍ତା ନାୟକମାନଙ୍କ ଆଶା ଆକାଂକ୍ଷା ପୁରଣରେ ସହାୟକ ହୋଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ । ଶ୍ରୀ ବେହେରା ପ୍ରଥମେ ହୀରାମଣି ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ପୌରାଧକ୍ଷା ସରିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତଟ ରେଳପଥର ଲୋକ ସମ୍ପର୍କ ଅଧିକାରୀ କବି ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୌରାଣିକ ଆଖ୍ୟାନ ମାଧମରେ ନାରୀ ଶିକ୍ଷାର ମହତ୍ୱ ଓ ଆବଶ୍ୟକତା ପ୍ରତିପାଦନ କରିଥିଲେ । ଡ଼ଃ ମଥୁରୀ ଚରଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରାଧାପିକା ଜ୍ୟୋସ୍ନାମୟୀ ପତି ସ୍ୱାଗତ ଭାଷଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ପ୍ରାଧାପକ ତଥା ବିଶିଷ୍ଟ ସମାଜସେବୀ ଡ଼ଃ ଅଜୟ କୁମାର ରାଉତ, ପ୍ରାକ୍ତନ ଅଧକ୍ଷ ଅଜୟ କୁମାର ସାମଲ, ବରିଷ୍ଠ ଆଇନଜୀବି ଦେବଦାସ ମହାନ୍ତି, ସ୍ଥାନୀୟ କାଉନସିଲର ନିରାକାର ସ୍ୱାଇଁ, ସମାଜସେବୀ ଅବନ୍ତୀ ବେହେରା, ପୂର୍ବତନ କାଉନସିଲର ପ୍ରକାଶ ପରିଡ଼ାଙ୍କ ସମେତ କଲେଜର ସମସ୍ତ ଅଧାପକ/ଅଧାପିକା ଓ ଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# କେନ୍ଦ୍ରାପଡ଼ା ମୁଖ୍ୟ ଡାକ କର୍ମଚାରୀଙ୍କ ଧର୍ମଘଟ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ମୁଖ୍ୟ ଡାକ କର୍ମଚାରୀମାନେ ୨୦ ଦଫା ଦାବିନେଇ ଦିନିକିଆ ଧର୍ମଘଟରେ ଯୋଗଦେଇ ମୁଖ୍ୟ ଡାକଘର ବନ୍ଦ କରିବା ସହିତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଜାତୀୟ ଡାକ କର୍ମଚାରୀ ମହାସଂଘ ଆହ୍ୱାନ କ୍ରମେ ଏହି ଧର୍ମଘଟ ପାଳନ କରାଯାଇ ଥିଲା । ଏହି ଧର୍ମଘଟର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଡାକ ବିଭାଗର ଘରୋଇକରଣ ବନ୍ଦ କରିବା, ଡାକ ସଂଚୟ ବ୍ୟାଙ୍କ ଆକାଉଂଟରେ ଆଇ.ପି.ପି.ବି.ରେ ମିଶ୍ରଣ ନକରିବା, ନୂଆ ପେନଶନ ବ୍ୟବସ୍ଥା ଉଚ୍ଛେଦ କରିବା, ଗ୍ରାମୀଣ ଡାକ ସେବକମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ପ୍ରଭୃତି ୨୦ ଦଫା ଦାବି ନେଇ କେନ୍ଦ୍ରାପଡ଼ା ଡାକ କର୍ମଚାରୀ ସଂଘ ତରଫରୁ ଜିଲ୍ଲାର ସମସ୍ତ ଡାକ ବିଭାଗ ବନ୍ଦ ରହିଥିବା ଜଣାପଡ଼ିଛି ।

# ଭୁବନରେ କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳନ ଓ ଗୌରବ ଯାତ୍ରା ଅନୁଷ୍ଠିତ

ଭୁବନ, (ପି.ଏନ): ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଭୁବନରେ କ୍ରାନ୍ତି ଦିବସ ପାଳନ ଓ ସ୍ୱାଧିନତାର ୭୫ ବର୍ଷ ଉପଲକ୍ଷେ ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ଡଃ ଯୁଧିଷ୍ଠିର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ ସେଲ୍ ସଭାପତି ବିପ୍ରବର ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଜିଲ୍ଲା ସଂପାଦକ ବିନୋଦ ମହାରଣା, ଭୁବନ ବ୍ଲକ କଂଗ୍ରେସ ସଭାପତି ଭାଗିରଥି ଜେନା, ପ୍ରେମଶଙ୍କର ମିଶ୍ର, ଉମ୍ବରୁଧର ସେଠୀ, ଭାଗବତ ସାହୁ ପ୍ରମୁଖ ଯୋଗଦେଇ ସର୍ବପ୍ରଥମେ ବିଶ୍ୱର ସର୍ବକନିଷ୍ଠ ବୀର ବାଜିରାଉତଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଭୁବନ ଡାକ ବଙ୍ଗଳାରୁ ଶତାଧିକକର୍ମୀଙ୍କ ଗହଣରେ ଗୌରବ ଯାତ୍ରା ସହର ପରିକ୍ରମା କରି ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମୁଖ୍ୟଅତିଥି କର୍ମୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ବିଜେପି ସରକାର ଏବେ ହିଂସା, ବିଦ୍ୱେଶ ଓ ପ୍ରତିଶୋଧମୂଳକ ରାଜନୀତି କରୁଛି । ଯେଉଁ ଦଳ ତ୍ରିରଙ୍ଗା ପତାକାକୁ ଆଦୌ ସମ୍ମାନ ଦିଏ ନାହିଁ ସେ ଦଳ ଏବେ ତ୍ରିରଙ୍ଗା ଯାତ୍ରା କରୁଛି । ଦରଦାମ ବୃଦ୍ଧି ଅସହ୍ୟ ହେଲାଣି, ଅଚ୍ଛେଦିନର ସ୍ୱପ୍ନ ଦେଖାଇ ଲୋକଙ୍କୁ ବୁରେ ଦିନରେ ହନ୍ତସନ୍ତ କରିମାରୁଛି ।

# ବଗଡା କୃଷି ସମବାୟର ପରିଚାଳନା ପରିଷଦର ପ୍ରଥମ ବୈଠକ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଏଆରସିଏସ୍ ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସିସିସିବିର ଶାଖା ପରିଚାଳକ ତାପସ ପ୍ରସାଦ ସିଂହ ସମବାୟ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ଜେନା, ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ, ଉପ ସଭାପତି ପ୍ରାଣନ୍ଦା ପାଣି ପ୍ରମୁଖ ଯୋଗଦେଇ କୃଷି ସମବାୟ ସମିତିରେ ଧାନବିକ୍ରି ପାଇଁ ପଞ୍ଜିକରଣ, କୃଷି ଋଣ ପ୍ରଦାନ ଓ ଆଦାୟ, ବଳରାମ ଯୋଜନାରେ ଚାଷୀମାନଙ୍କୁ ଋଣ ପ୍ରଦାନ, କୃଷକମାନଙ୍କୁ ରିହାତି ଦରରେ ସାରବିକ୍ରି ପ୍ରଭୃତି ଉପରେ ଆଲୋଚନା କରାଯାଇ ଥିଲା ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତି ବୈଠକ


ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ଡିଆରଡିଏ କାର୍ଯ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୨ ତାରିଖରେ ଜିଲ୍ଲାରେ ଥିବା ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବା ବେଳେ ଏନେଇ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଅଧକ୍ଷତା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସ୍ୱାଇଁ, ଭା ରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ଜିଲ୍ଲାର ଅନେକ ମହାବିଦ୍ୟାଳୟର ଅଧକ୍ଷ/ଅଧକ୍ଷା, ଶିକ୍ଷା ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ଅଧାପକ ଡ. ରଞ୍ଜନ କୁମାର ସ୍ୱାଇଁ ।ଏହି ବୈଠକରେ ଆସନ୍ତା ୧୨ ତାରିଖର କାର୍ଯ୍ୟକ୍ରମକୁ ନେଇ ସବିଶେଷ ଆଲୋଚନା କରାଯାଇଥିବା ବେଳେ ଛାତ୍ର ଛାତ୍ରୀ ଓ ଯୁବ ପିଢୀଙ୍କୁ ନିଶା ଠାରୁ ଦୂରେଇ ରଖିବା ପାଇଁ କିଭଳି ସଚେତନ କରାଯିବ ସେନେଇ ନିଷ୍ପତି ନିଆଯାଇଥିଲା । ଏହାସହ ଏହି ଅବସରରେ ସଚେତନତାମୂଳକ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବୈଠକ ଶେଷରେ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗଡିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




## ସଂଗୀତ ଓ ସମ୍ବର୍ଦ୍ଧନାର ଯୁଗଳବନ୍ଦୀ 'ପ୍ରଣବ ପ୍ରଣାମ'

ଭୁବନେଶ୍ୱର (ପିଏନ୍)-ରେ ଆତ୍ମନ ନିଦ୍ରା ପରିହରି,ମାଝିରେ ଶେଷ ଶ୍ରାବଣ,ମା ତୁମେ ଜଗତର ସାହା ଭରଷା, ଏମିତି ରାତି ସେ ଯେ ଅଭୁଲା ସ୍ମୃତି,ଜୀବନ ଏକ ନାଟକ,ଇନ୍ଦ୍ରଧନୁର ସପ୍ତରଙ୍ଗୁ ଆଦି ଓଡ଼ିଆ ସଂଗୀତ ଜଗତକୁ ଅଂସଖ୍ୟ ମନଛୁଆଁ ଓ ଭାବପୂର୍ଣ୍ଣ ସଂଗୀତରେ ସମୃଦ୍ଧ କରିଥିବା ସଂଗୀତର ସମ୍ମୋହନ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବସଂଧ୍ୟାରେ ଅନୁଷ୍ଠିତ ହେଉଥିବା ତଥା ଚଳିତ ବର୍ଷ ମହାମାରୀ ପାଇଁ ସ୍ଥଗିତ ଥିବା ପ୍ରଣବ ସଂଗୀତ ଓ ସମ୍ବର୍ଦ୍ଧନାର ସ୍ୱତନ୍ତ୍ର ଅର୍ଘ୍ୟ 'ପ୍ରଣବ ପ୍ରଣାମ' ସଂଭାବନା ପକ୍ଷରୁ ଷୋଡଶ ବର୍ଷ ପାଇଁ ଆୟୋଜିତ ହୋଇଯାଇଛି। ଏହି କିମ୍ବଦନ୍ତୀ ଗାୟକଙ୍କ ସମ୍ମାନରେ ଆୟୋଜିତ ସଂଗୀତ ଓ ସମ୍ବର୍ଦ୍ଧନାର ଏହି କାର୍ଯ୍ୟକ୍ରମ, ସଂଭାବନାର ତ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଆରମ୍ଭ ହୋଇଥିଲା। ଇପ୍‌ସିତା ମହାନ୍ତିଙ୍କ ସ୍ୱରରେ ସୁନା ସଂସାର ଚଳଚ୍ଚିତ୍ରର ସଂଗୀତ, ହେ ଦୁଃଖହାରୀରୁ ଆରମ୍ଭ ହୋଇଥିଲା ସଂଗୀତ ସଂଧ୍ୟା। ପରେପରେ କଣ୍ଠଶିଳ୍ପୀ ସିଦ୍ଧାନ୍ତଙ୍କ ସ୍ୱରରେ ଉର୍ମି ଅଧିରା, ପୁଣ୍ୟତାଙ୍କ କଣ୍ଠରେ ମୁଁ ଯେ ଅମୃତ ସାଗର ବିନ୍ଦୁ ପରିବେଷିତ ହୋଇଥିଲା। ସେହିଭଳି ଜଣାଶୁଣା ଶିଳ୍ପୀ ସୁଶାନ୍ତ ପଣ୍ଡା ଗାଇଥିଲେ ଜୀବନ ଏକ ନାଟକ ଓ ଉଆଁସ ରାତି ପାହିଲା ମାଝି ଭଳି ଜନପ୍ରିୟ ଗୀତ। ପୁଣି ଛନ୍ଦା ମିଶ୍ରଙ୍କ ଗାୟନରେ ଇନ୍ଦ୍ରଧନୁର ସପ୍ତରଙ୍ଗୁ ଓ ଏମିତି ରାତି ବେଶ୍ ଆବେଗିତ କରିଥିଲା ପ୍ରଣବ ପ୍ରେମୀଙ୍କୁ। ଅର୍ଣ୍ଣବଙ୍କ ସ୍ୱରରେ ହାଏ ସେ ହରିଣୀ ଆଖି ଓ ମାଝିରେ ଶେଷ ଶ୍ରାବଣ ଝଙ୍କୃତ ହୋଇଥିଲା। ସେହିପରି ପ୍ରଭାସ କୁମାର ସାହାଣୀ ପରିବେଷଣ କରିଥିଲେ ପୁଣି ସେଇ ଶ୍ରାବଣରେ ପରି ପ୍ରଣୟ ସଂଗୀତ। ପରେ ପରେ ଏଇ ଜୀବନଟା ଏକ ନାଟକ,ଏ ନୁହେଁ କାହାଣୀ,ଏକ ରାଧା ଶ୍ୟାମ ସାଥେ,ମା ତୁମେ ଜଗତର ସାହା ଭରଷା,ଝୁମି ଝୁମି ନିଶାରେ ଆଦି ଏକକ ସଂଗୀତ ସହିତ ଶିଳ୍ପୀମାନଙ୍କ ସ୍ୱରରେ ପରିବେଷିତ ହୋଇଥିଲା ଯଉବନରୁ ଅପରାଧ,ନୀଳ ଆଖି ନୀଳ ଜଳେ ଭାସନା,ରୂପସୀ ରାଣୀ ଗୋ ପରି କିଛି ଲୋକପ୍ରିୟ ଦ୍ୱୈତ ସଂଗୀତ। ସଂଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସ୍ୱୟଂ ପ୍ରଣବଙ୍କ କଣ୍ଠରେ ରେ ଆତ୍ମନ ଓ ସୀମାହୀନ ଦରିଆ ଭଳି କିଛି କାଳଜୟୀ ସଂଗୀତ ପରିବେଷଣ। ଚଳିତ ପ୍ରଣବ ପ୍ରଣାମ ସଂସ୍କରଣଟି ସମର୍ପିତ ହୋଇଥିଲା ନିକଟରେ ପରଲୋକ ଗମନ କରିଥିବା ପ୍ରଖ୍ୟାତ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କୁ। ତାଙ୍କ ନିର୍ଦ୍ଦେଶିତ କିଛି ପ୍ରଣବ ସଂଗୀତ ମାଧ୍ୟମରେ ପ୍ରଫୁଲ୍ଲଙ୍କୁ ଶ୍ରଦ୍ଧାଳି ବାଢିଥିଲେ ସଂଭାବନାର ଶିଳ୍ପୀମାନେ। ଉଦ୍‌ଘାଟକ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ସମ୍ବର୍ଦ୍ଧନାର ଉତ୍ସବରେ ସଂପାଦକ ଦେବପ୍ରସାଦ ପରିଜା ଉତ୍ସବର ପୃଷ୍ଠଭୂମି ସଂପର୍କରେ କହିଥିଲେ। ପ୍ରମୁଖ ଅତିଥି ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ,୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ଭାବବିହ୍ୱଳ ପରିବେଶ ମଧ୍ୟରେ ପୁଷ୍ପଗୁଚ୍ଛ ତଥା ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ପ୍ରଣବ କିଶୋର ପଟ୍ଟନାୟକଙ୍କୁ। ଏହି ଅବସରରେ ରୁଚିସମ୍ପନ୍ନ ଓ ଜନପ୍ରିୟ ସଂଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଂଗୀତ ଶିଳ୍ପୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ଚତୁର୍ଦ୍ଦଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ବର୍ଦ୍ଧିତ କରିଥିଲେ ସ୍ୱୟଂ ପ୍ରଣବ ପଟ୍ଟନାୟକ। ସଂଭାବନା ଓଡ଼ିଆଣୀ ସମିତି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ପ୍ରଣବ ସଂଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟା ରାଜଶ୍ରୀ ଶତପଥି, ସତ୍ୟବ୍ରତ ମହାପାତ୍ର, ଗୁରୁ ପ୍ରସାଦ ଦାସ, ପ୍ରଫୁଲ୍ଲ ଦେ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଅଖାଦ୍ୟ ବାଣ୍ଟୁଛନ୍ତି ସରକାର

ଭୁବନେଶ୍ୱର (ପିଏନ୍): ନିକଟରେ ପ୍ରକାଶ ପାଇଥିବା ପ୍ରିତୀ ଗୁଲ୍ଲାଙ୍କ ରିପୋର୍ଟ ସମଗ୍ର ଖାଉଟିମାନଙ୍କୁ ଗଭୀର ଚିନ୍ତାରେ ପକାଇଛି। ଏପ୍ରିଲ ମାସରେ ଖାଦ୍ୟ ଓ ସାଧାରଣ ବିତରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରିତୀ ଗୁଲ୍ଲାଙ୍କ ଗଠିତ ଯାଞ୍ଚ ରିପୋର୍ଟରେ ରାଜ୍ୟରେ ୯ଟି ଜିଲ୍ଲାର ନମୁନା ଯାଞ୍ଚରୁ ଜଣାପଡିଛି ଯେ ୯୧ ପ୍ରତିଶତ ସରକାରୀ ବଣ୍ଟନରେ ମିଳୁଥିବା ଚାଉଳ ନିମ୍ନମାନର, ଏଥିରୁ ୩ଟି ସ୍ଥାନରେ ଥିବା ଚାଉଳ ମଣିଷ ଖାଇବା ପାଇଁ ଅନୁପଯୁକ୍ତ ଏହା କେବଳ ଗୋଖାଦ୍ୟ କରାଯାଇପାରେ, ଏପରିକି ଯେଉଁ ବସ୍ତା ଗୋଦାମର ଯେଉଁ ଚାଉଳ ରହିଛି ସେହି ବସ୍ତା ଗୁଡିକ ମଧ୍ୟ ପୁରୁଣା ଏବଂ ଚାଉଳ ରଖିବା ପାଇଁ ଅନୁପଯୁକ୍ତ। ଏହି ଚାଉଳ ପି.ଡି.ଏସ୍., ଆଇ.ସି.ଡି.ଏସ୍. ଓ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ପାଇଁ ଦିଆଯାଉଛି। ଆମ ରାଜ୍ୟର ପି.ଡି.ଏସ୍. ଉପଭୋକ୍ତା (ଅତି ଗରିବ ଲୋକ) ଆଇ.ସି.ଡି.ଏସ୍. ଉପଭୋକ୍ତା (ରାଜ୍ୟର ଶିଶୁ ଓ ବାଳିକା, କିଶୋରୀ ବାଳିକା, ଗର୍ଭବତୀ ମହିଳା ବାଳିକା) ମଧ୍ୟାହ୍ନ ଭୋଜନ (ସ୍କୁଲର ଛାତ୍ରଛାତ୍ରୀ)ରେ ଉପକୃତ ହେଉଛନ୍ତି ବୋଲି ସରକାର ଡିଣ୍ଡିମ ପିଟିବାରେ ଲାଗିଛନ୍ତି। ଏହି ଯାଞ୍ଚ ରିପୋର୍ଟ ସରକାରଙ୍କ ହସ୍ତଗତ ହେବା ପରେ ଏହାର ନିରାକରଣ ଦିଗରେ ସରକାର , ପ୍ରଶାସନ ନିରବ ଥିବା ବେଳେ ସମଗ୍ର ରାଜ୍ୟରେ ଏହି କାରବାରକୁ ରୋକି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ ନକରିବା ଫଳରେ ଲୋକଙ୍କ ମଧ୍ୟରେ ଭୟ, ଶଙ୍କା ଓ ଅସନ୍ତୋଷ ବଢି ଚାଲିଛି। ସି.ପି.ଆଇ.(ଏମ୍) ତୁରନ୍ତ ଅଖାଦ୍ୟ ଚାଉଳକୁ ଷ୍ଟକ୍‌ରୁ ହଟାଇ ଉପଯୁକ୍ତ ଚାଉଳ ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଜିଲ୍ଲାର ଗୋଦାମ ଚଢାଉ କରି ଯେଉଁମାନେ ଏହି କାରବାରରେ ଲିପ୍ତ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ ଦାବୀ କରୁଛି। ସରକାର, ପୋଷ୍ୟ ଚାଉଳ ବଣ୍ଟନ କରି ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ହେବ ବୋଲି ଆଶା କରୁଛି।

## ଅଗ୍ନି ବର୍ଷାରେ ପ୍ରଭାବିତ କୋଣାର୍କ !



କୋଣାର୍କ (ପିଏନ୍): ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟମନ୍ଦିର ସମୁଦ୍ରକୂଳରେ ଅବସ୍ଥିତ ହୋଇଥିଲେ ମଧ୍ୟ ସୂର୍ଯ୍ୟଙ୍କ କୋପରୁ ବର୍ତ୍ତିଯାଇନାହିଁ। କୋଣାର୍କ ଏନଏସି ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧିପାଇବାରେ ଲାଗିଛି। ଅଗ୍ନିବର୍ଷା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଜନଶୂନ୍ୟ ହୋଇ ପଡୁଛି। ଉତ୍ତପ୍ତ ସୂର୍ଯ୍ୟଙ୍କ ପ୍ରଖର କିରଣରେ କୋଣାର୍କ ସୂର୍ଯ୍ୟମନ୍ଦିରର ପ୍ରସ୍ତରଖଣ୍ଡମାନ ଉତ୍ତପ୍ତ ହୋଇ ମନ୍ଦିର ପରିସରକୁ ଗରମ ପବନରେ ଭରିଦେଉଛି। ଯାହାଫଳରେ ପର୍ଯ୍ୟଟକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ



ପାଇଁ ବିଶ୍ରାମାଗାର ନ ଥିବା ବେଳେ ମନ୍ଦିର ପରିସରରେ ଥିବା ବୃକ୍ଷ ଓ ପାନୀୟ ଜଳର ଷ୍ଟାଣ୍ଡପୋଷ୍ଟ ପାଖରେ ପର୍ଯ୍ୟଟଙ୍କ ଭିଡ ଲାଗିରହୁଛି। କୋଣାର୍କର ସମଗ୍ର ଅଞ୍ଚଳ ବାଲୁକାମୟ ହୋଇଥିବାରୁ ସୂର୍ଯ୍ୟଙ୍କ ପ୍ରଖର ଉତ୍ତପ୍ତ କିରଣରେ ବାଲି ଉତପ୍ତ ହୋଇ ବହୁତ ସମୟ ପର୍ଯ୍ୟନ୍ତ ବାତାବରଣକୁ ଗରମ କରି ରଖୁଛି। ପ୍ରକୃତି ଦାଉ ସାଧୁଥିବା ବେଳେ ବିଭିନ୍ନ ସମୟରେ ମନୁଷ୍ୟକୃତ ବିଦ୍ୟୁତ କାଟ ବୋଝଉପରେ ନଳିତାବିଡା ସଦୃଶ୍ୟ ହୋଇପଡ଼ିଛି। କୋଣାର୍କ ଏନଏସି ମଧ୍ୟରେ ଯାତ୍ରୀ ବିଶ୍ରାମ ଗାର ନଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୃଷାର୍ତ୍ତ ଯାତ୍ରୀମାନଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସିଠାରେ ଜଳଛତ୍ର ବା ଜଳଦାନ ଶିବିର କରାଯାଇ ନଥିବା ବେଳେ ସତ୍ୟସାଇ ସେବା ସମିତି ପକ୍ଷରୁ ଥାନା ଛକଠାରେ ଓ ଭାରତ ସ୍କାଉଟ ଓ ଗାଇଡ ପକ୍ଷରୁ ମେଡିକାଲ ଛକଠାରେ ଏକ ଜଳଦାନ ଶିବିର କରାଯାଇଛି। ଏସି, କୁଲର ଓ ପଙ୍ଖା ବିନା ରହିବା କଷ୍ଟକର ହୋଇପଡ଼ିଛି। ଦିନଗରିବ ଓ ଅସହାୟଙ୍କ କଥା ନ କହିବା ଭଲ। ସେମାନେ ଭଗବାନଙ୍କୁ ଭରସାକରି ଗଛ ଛାଇତଳେ ପ୍ରକୃତିଦତ୍ତ ଶିତଳତାକୁ ଅନୁଭବ କରି ବିଶ୍ରାମ ନେଉଛନ୍ତି। ବୁଦ୍ଧୀଜୀବି, ସମାଜସେବୀ ଓ ପରିବେଶବିତ୍‌ଙ୍କ ମତରେ ସମସ୍ତ ନାଗରିକ ଗୋଟିଏ ଗୋଟିଏ ବୃକ୍ଷ ଲଗାଇ ପରିବେଶକୁ ସବୁଜ ବଳୟ ସୃଷ୍ଟି କରିବା ଦିଗରେ ଏବେଠାରୁ ପ୍ରୟାସ ଜାରି ନ ରଖିଲେ ଆଗାମୀ ବର୍ଷମାନଙ୍କରେ ଭୟଙ୍କର ଗରମ ଅନୁଭୂତ ହେବ ବୋଲି ମତ ପ୍ରକାଶ କରିଛନ୍ତି।

## ପାରାଦୀପରେ ୩୬ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ଓ ନବାନ୍ନ ପାରାୟଣ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନସ୍ଥିତ ମାରୁତି ମଣ୍ଡପ ଠାରେ ୩୬ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମରେ ସନ୍ଥ ତୁଳସୀଦାସ କୃତ ଶ୍ରୀରାମ ଚରିତ ମାନସ ପାରାୟଣ, ବ୍ୟାସ-ମହର୍ଷ ରମେଶ ମହାରାଜଙ୍କ ଦ୍ୱାରା ପରିଚାଳିତ ହେଉଛି। ପ୍ରତ୍ୟହ ସଂଧ୍ୟା ଆଳତି ପରେ ଶ୍ରୀରାମ ଦୟା ପରିଷଦ ସଭ୍ୟମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ଏବଂ ଏହା ପରେ ଶ୍ରୀ ସତ୍ୟସାଇ ସେବା ସମିତି, ପାରାଦୀପ ପକ୍ଷରୁ ଭଜନ ପରିବେଷଣ କରାଯାଉଛି। ବରେଣ୍ୟ ପ୍ରବଚକ ରତ୍ନାକର ନାୟକ(ପୁରୀ)ଙ୍କ ଦ୍ୱାରା ପ୍ରବଚନ ସାଧାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ଏଣୁ ଏଥିରେ ବହୁ ସଂଖ୍ୟାରେ ଯୋଗଦାନ କରି ଦିବ୍ୟ ଦର୍ଶନ ସହିତ ରାମ କଥାମୃତ ଶ୍ରବଣ ପୂର୍ବକ ଜୀବନକୁ ଧନ୍ୟ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମ ଗତ ମାସ ୧୧ ତାରିଖରେ ଶେଷ ହୋଇଯାଇଛି।

## ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସଂଘର ଉପଦେଷ୍ଟା ଚନ୍ଦ୍ରଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ସାମ୍ବିଧାନିକ ସମ୍ମିଳନୀ ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଶାଖାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପ୍ରଶାନ୍ତ ଶତପଥୀ, ରାଜକିଶୋର ପ୍ରଧାନ, ଶିଶିର ଦାସ, ଅମୀୟ ଚୌଧୁରୀ, ବିଶ୍ୱବନ୍ଧୁ ଜେନା, ସେକ୍ ଖତିବ୍, ଅନ୍ତର୍ଯ୍ୟାମୀ ମଳିକ, ଅକ୍ଷୟ ଦାସ, ଅନୀଲ ଦାଶ, ଚିତ୍ତରଞ୍ଜନ ରାଉଳ, ବିଶ୍ୱରଞ୍ଜନ ଦାଶ, ଜୟନ୍ତ ମଲ୍ଲିକ, ନରେନ୍ଦ୍ର ପରିଡ଼ା, ଦିବାକର ରାଉତ ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ




କରାଯାଇଥିଲା। ସଙ୍ଘର ସଭାପତି ଭାବେ ଅନନ୍ତ କୁମାର ପରିଡ଼ା, ସାଧାରଣ ସଂପାଦକ ଅଶ୍ୱିନୀ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମଳିକ, ସଂଗଠନ ସଂପାଦକ ହରି ଶଙ୍କର ତରାଇ, ଉପ-ସଭାପତି ଅଭୟକାନ୍ତ ରାଉତ, କାକୁଳି ମଲ୍ଲିକ, ଅନିଲ କୁମାର ନନ୍ଦ, ନରେନ୍ଦ୍ର ପାଢ଼ୀ, ସହ-ସଂପାଦକ ଦିବାକର ରାଉତ, ଶୁଭଶ୍ରୀ ମାଝି, ମିର୍ଜା ଅଲିମ୍, ସଚିଦାନନ୍ଦ ମିଶ୍ର, ରୁପମା ଗୁରୁ, କୋଷାଧ୍ୟକ୍ଷ ଖଗେଶ୍ୱର ସାମଲ, ସମୀକ୍ଷକ ଶିବପ୍ରସାଦ ମିଶ୍ର, ମୁଖପାତ୍ର ଭକ୍ତରଞ୍ଜନ ସ୍ୱାଇଁ ଓ ଗଣମାଧ୍ୟମ ସଂଯୋଜକ ଭାବେ ସେକ୍ ମହମ୍ମଦ ଫାୟାଜୁଦ୍ଦିନଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସଂଘର ଉପଦେଷ୍ଟା ଭାବେ ଚନ୍ଦ୍ରଶେଖର ମହାପାତ୍ର, ଅନୀଲ ଦାଶ, ରାଜକିଶୋର ପ୍ରଧାନ, ଜୟଦେବ ମଣ୍ଡଳଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। ଶିକ୍ଷକମାନଙ୍କ ହକ୍ ପାଇଁ ସଂଘ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସଙ୍ଘର ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରଶେଖର ମହାପାତ୍ର ଶପଥ ପାଠ କରାଇଥିଲେ। ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ଆଗାମୀ ଦିନରେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରଙ୍କ ପାଖରେ ଦାବି କରିବା ସହ ଏହି ଦାବି ହାସଲ ନିମନ୍ତେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ପରିଡ଼ା ଓ ସାଧାରଣ ସଂପାଦକ ଶ୍ରୀ ରାଉତ ତାଙ୍କ ଅଭିଭାଷଣରେ ସମବେତ ଶିକ୍ଷକ ନେତୃମଣ୍ଡଳୀକୁ ସମ୍ବୋଧିତ କରିଥିଲେ। ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ରାଜ୍ୟସ୍ତରୀୟ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ କର୍ମଚାରୀଙ୍କ ମହାସମାବେଶକୁ ସଂପୂର୍ଣ୍ଣ ସହଯୋଗ କରି ଦାବି ହାସଲ ନିମନ୍ତେ ନବନିର୍ବାଚିତ କର୍ମକର୍ତ୍ତା ଉଦ୍‌ବୋଧନ ଦେଇଥିଲେ। ପରିଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ସଂଘର ସଭାପତି ବିଶ୍ୱରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## "ପିଏମ କେୟାର୍ସ ଫର୍ ଚିଲଡ୍ରେନ" ଯୋଜନାରେ ବାଲେଶ୍ୱର ଜିଲ୍ଲାର ତିନିଜଣ ପିଲା ସାମିଲ



ବାଲେଶ୍ୱର (ପିଏନ୍)-କୋଭିଡ୍ ମହାମାରୀ ସମୟରେ କୋଭିଡ୍ ସଂକ୍ରମଣରେ ଉଭୟ ପିତାମାତାଙ୍କୁ ହରାଇ ପିତୃମାତୃହୀନ ହୋଇଥିବା ସମଗ୍ର ଦେଶର ପିଲାମାନଙ୍କ ପ୍ରତିପାଳନ, ସୁରକ୍ଷା ଓ ଶିକ୍ଷା ଦ୍ୱାରା ସେମାନଙ୍କର ଉପଯୁକ୍ତ ଥଇଥାନ ନିମନ୍ତେ "ପିଏମ କେୟାର୍ସ ଫର ଚିଲଡ୍ରେନ" ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଗତକାଲି ପୂର୍ବାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏଭଳି ପିଲାମାନଙ୍କୁ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଛନ୍ତି। ପ୍ରତି ପିଲାଙ୍କୁ ୧୮ବର୍ଷ ବୟସ ହେବା ପରେ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା, ଚିକିତ୍ସା ନିମନ୍ତେ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ମାସିକ ପ୍ରତିପୋଷଣ ଖର୍ଚ୍ଚ ୩ବର୍ଷ ପର୍ଯ୍ୟନ୍ତ ୪ହଜାର ଟଙ୍କା ଲେଖାଏଁ, ଶିକ୍ଷା ନିମନ୍ତେ ବାର୍ଷିକ ଷ୍ଟାଇପେଣ୍ଡ ୨୦ହଜାର ଟଙ୍କା ଏବଂ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଋଣ ସହାୟତା ଇତ୍ୟାଦି ଏହି ଯୋଜନାର ମୁଖ୍ୟ ଅଂଶବିଶେଷ ଅଟେ। ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ଭାଗରୁ ଆଭାସୀରେ ଯୋଡି ହୋଇଥିବା ପିଲା ଓ ସେମାନଙ୍କ ଅଭିଭାବକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଉଭୟ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଅଟେ। ସେମାନଙ୍କର ଉପଯୁକ୍ତ ଥଇଥାନ, ସ୍ନେହ, ଆଦର ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ସେମାନଙ୍କର ଅଭିଭାବକ, ସରକାରୀ କର୍ମକର୍ତା ଏବଂ ସର୍ବୋପରି ସରକାର ସମ୍ବେଦନଶୀଳ ହୋଇ ଉଚିତ୍ ପଦକ୍ଷେପ ନେଲେ ସେମାନେ ବଡ ବଡ ଆହ୍ୱାନର ମୁକାବିଲା କରିପାରିବା ସହିତ ଆଗାମୀ ଦିନରେ ଦେଶର ଉତମ ନାଗରିକ ଭାବେ ଗଢି ଉଠିବେ। ସ୍ଥାନୀୟ ଏନଆଇସି କାର୍ଯ୍ୟାଳୟ ଭିଡିଓ କନଫରେନ୍ସିଂ ହଲରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଯୋଗ ଦେଇ ଏହି ଯୋଜନାରେ ସାମିଲ ଜିଲ୍ଲାର ୩ ପିଲାଙ୍କୁ ପିଏମ କେୟାର୍ସ ପାସବୁକ୍, ସାର୍ଟିଫିକେଟ୍, ସ୍ୱାସ୍ଥ୍ୟବୀମା କାର୍ଡ, ସହାୟତା କିଟ୍ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତା ପ୍ରଦାନ କରିବା ସହିତ ସେମାନଙ୍କ ଉତରୋତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶ୍ରୀ ଭାଗିରଥୀ ବାରିକ୍‌ଙ୍କ ସମେତ କମିଟି ସଦସ୍ୟ ଶ୍ରୀ ଗଣେଶ୍ୱର ରାଉତ, ଶ୍ରୀମତୀ ଗୌରୀରାଣୀ ଉପାଧ୍ୟାୟ, ଶ୍ରୀ ଆଶିଷ କୁମାର ଘୋଷ, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟା ଶ୍ରୀମତୀ ଉଷାରାଣୀ ପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜରାନିବାସ ସ୍ଥାପନ ପାଇଁ ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଆମଣଠାରେ 'କୃଷ୍ଣାଭିରାମ ଶାନ୍ତିଧାମ' ନାମକ ଏକ ନୂତନ ଜରାନିବାସ ସ୍ଥାପନ ପାଇଁ ଏକ ବୈଠକ ଆମଣ ସମାଧି ପୀଠରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ହେମନ୍ତକୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଭାପତି ପ୍ରଦୀପକୁମାର ଦାସ, ଗୟାଧର ବେହେରା, ପରେଶ ମଙ୍ଗରାଜ, ଉପଦେଷ୍ଟା ଲଳିତକୁମାର ଦାଶ, ପ୍ରତାପଚନ୍ଦ୍ର ଦାଶ, ବିପ୍ରଚରଣ ଭୋଳ, ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସତ୍ୟରଂଜନ ବେହେରା, ପୂର୍ବତନ ସରପଞ୍ଚ କବିତା ଦାସ, ସୁରେନ୍ଦ୍ର ସାହୁ,



ପ୍ରଭାକର ଭୋଇ, ରାଜକିଶୋର ପଟ୍ଟନାୟକ, କାଳନ୍ଦି ଭୋଇ, ପ୍ରତାପକେଶରୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜରାନିବାସ ସ୍ଥାପନ ପାଇଁ ଜମି ଚିହ୍ନଟ, ପଂଜିକରଣ ଓ ଅର୍ଥ ମଂଜୁର ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସପ୍ତାହକ ମଧ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା।

## ଛାତ୍ରବତ୍ସଳା ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ରଙ୍କ ଅବସର ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, କାଉନସିଲର କମଳ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ମହାପାତ୍ରଙ୍କୁ ଜଣେ ଛାତ୍ରବତ୍ସଳା ଓ ଶିକ୍ଷା ପାଇଁ ସମର୍ପିତ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଅନସୂୟା ସାମନ୍ତରାୟ, କିରଣବାଳା ମହାନ୍ତି, କ୍ଷଣପ୍ରଭା ସାହୁ, ନିରୁପମା ପୃଷ୍ଟି, ରଶ୍ମିତା ବେହେରା, ନମିତାରାଣୀ ରାୟସାମନ୍ତ, ଶେଷଦେବ ଛୋଟରାୟ ପ୍ରମୁଖ ତାଙ୍କର ସମୟାନୁବର୍ତିତା ଓ ଉତ୍ତମ ଶିକ୍ଷାଦାନ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କ ପକ୍ଷରୁ ମାନପତ୍ର, ଉପଢୌକନ ଆଦି ଦେଇ ସମ୍ବର୍ଧିତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପେନସନ୍, ଗ୍ରାଚୁଇଟି ଆଦି କାଗଜପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।




# ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ପୁସ୍ତକ ଉନ୍ମୋଚିତ

କେନ୍ଦ୍ରାପଡ଼ା, (ପି.ଏନ): ଦୁଃଖିନୀ କନିକାର ରଚୟିତା ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର" ପୁସ୍ତକକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଜି କେନ୍ଦ୍ରାପଡ଼ା ଟାଉନ ହଲ ଠାରେ ଉନ୍ମୋଚନ କରି କହିଲେ "ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ଓ ତାଙ୍କ ଜୀବନଚର୍ଯ୍ୟା ଦେଶର ପ୍ରତିଟି ଘରେ ପହଂଚିବା ଦରକାର। ଯାହା ଫଳରେ ଦେଶର ଅଗଣିତ ଜନତା ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବେ। ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ଥିଲେ ଜଣେ ନିର୍ଭୀକ ଲେଖକ ଓ ତ୍ୟାଗପୂତ ଜୀବନାଦର୍ଶନର ଅନନ୍ୟ ଉଦାହରଣ।" ସଂଗ୍ରାମୀ ଆନନ୍ଦ ଚନ୍ଦ୍ରଙ୍କ ଜୀବନଗାଥା ଓ ତାଙ୍କ ଜୀବନଗାଥା ଓ ତାଙ୍କ ଚର୍ଚ୍ଚିତ କବିତା "ଦୁଃଖିନୀ କନିକା" ଉପରେ ଆଲୋକପାତ କରି ପ୍ରଫେସର ଗଣେଶୀ ଲାଲ କହିଲେ "ମହାତ୍ମାଙ୍କ ସଂପାଦିତ ୟଙ୍ଗ ଇଣ୍ଡିଆର ଇଂରାଜୀ ଅନୁବାଦରେ ପ୍ରକାଶିତ ଏହି "ଦୁଃଖିନୀ କନିକା" ସେତେବେଳେ ସାରା ଭାରତ ବର୍ଷରେ ଚାଂଚଲ୍ୟ ସୃଷ୍ଟି କରିଥିଲା।" ଘରେ ଘରେ ତ୍ରିରଙ୍ଗା ଓ ଦେଶ ପ୍ରେମର ଅମୃତ ବାଣୀ ପହଂଚାଇବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ କନିକା ପ୍ରଜା ଆନ୍ଦୋଳନରେ ଦୁଃଖିନୀ କନିକାର ଲେଖକ ଆନନ୍ଦ ଚନ୍ଦ୍ର ଜେନାଙ୍କ କାଳଜୟୀ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ାର ବିଧାୟକ ଶଶିଭୂଷଣ ବେହେରା ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଯୋଗଦାନ ଓ କନିକା ରାଜାଙ୍କ ଅକ୍ରୋସର ଶିକାର ହୋଇ ନିର୍ଯାତିତ ହୋଇଥିବା ସଂଗ୍ରାମୀ ଆନନ୍ଦ ଚନ୍ଦ୍ରଙ୍କ ଘଟଣାବଳୀ ଉଲ୍ଲେଖ କରିଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ନିଳମଣୀ ସାମଲ, ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ରର ପ୍ରକାଶକ ଓ ଗୁରୁଜୀ ଗ୍ରୁପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡଃ ହୟଗ୍ରୀବ ହରେକୃଷ୍ଣ ଗୁରୁ, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସ୍ମୃତିକମିଟିର ସଭାପତି କରୁଣାକର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁସ୍ତକର ଲେଖକ ନିରଞ୍ଜନ ମେକାପ, ପୂର୍ବତଟ ରେଳପଥର ବରିଷ୍ଠ ଜନ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଓ ଲେଖକ ନିରାକାର ଦାସ, ଜୁଭେନାଇଲ ଜଷ୍ଟିସ ବୋର୍ଡ଼ର ପୂର୍ବତନ ସଭ୍ୟ ବିପିନ ବିହାରୀ ବାରିକ ଓ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ନିଳମଣୀ ସାମଲ, ପୌରାଧ୍ୟକ୍ଷା ସରିତା ସାହୁ, ବିପ୍ଳବୀଙ୍କ ନାତି ସଞ୍ଜୟ କୁମାର ଜେନା ପ୍ରମୁଖଙ୍କ ସମେତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମହାମହିମ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ ସଭାପତି ପରିଚାଳନା କରିଥିବାବେଳେ ଚିତ୍ରଶିଳ୍ପୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଙ୍କୁ ବିପ୍ଳବୀଙ୍କ ତୈଳ ଚିତ୍ର ମହାମହିମ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ନନ୍ଦ କିଶୋର ପରିଡ଼ା, ଡଃ ବାସୁଦେବ ଦାସ, ଭଜକୃଷ୍ଣ ରାଉତ, ଜଲ୍ଲା ପରିଷଦର ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ବ୍ଲକଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ ନିର୍ମଳା ମହାନ୍ତି, ପୂର୍ବତନ ବିଧାୟିକା ଡଃ ସିପ୍ରା ମଲିକ, ପୌର ପରିଷଦର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିବାବେଳେ କମିଟିର ସମସ୍ତ କର୍ମକର୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଅବକାରୀ ଅଧିକାରୀ ମଦଭାଟିମାଲିକଙ୍କର ଦଲାଲ ସାଜିବା ଘଟଣାକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦୁଝର , (ପି.ଏନ): କେନ୍ଦୁଝର ରେ ଜନୈକ ଅବକାରୀ ଅଧିକାରୀ ଙ୍କର ଏକ ଦେଶୀ ମଦ ଭାଟି ମାଲିକର ଦଲାଲ ସାଜିବାକୁ ଘଟଣାକୁ ନେଇ ଚର୍ଚ୍ଚା ଏବ ଜୋର ଧରିଛି। ଏହି ଘଟଣା ତେଲକୋଇ ଅଂଚଳର ବୋଲି ଜଣା ପଡିଛି। ସୂଚନା ଅନୁସାରେ ମଙ୍ଗଳବାର ସକାଳ ପ୍ରାୟ ନଅ ଟା ସମୟରେ ତେଲକୋଇ ହାଟପଡିଆ ନିକଟର ଥିବା ଦେଶୀ ମଦ ଭାଟିର କର୍ମଚାରୀଙ୍କର ସାଥିରେ ଏକ ଗାଡିରେ ମଦ ଧରି ଏହି ଅବକାରୀ ଅଧିକାରୀ ଜଣକ ଡିମିରିଆ ଗ୍ରାମରେ ଚୋରାରେ ମଦ ବିକ୍ରି କରୁଥିବା କୋଟିଆ ମାନଙ୍କୁ ମଦ ଦେବାକୁ ଯାଇଥିଲେ। ତେବେ ଗ୍ରାମ ଓ ଆଖପାଖ ଅଂଚଳରେ ମଦ ବିକ୍ରିକୁ ବିରୋଧ କରୁଥିବା ଲୋକମାନେ ହିଁ ଏହି ସମସ୍ତ ଘଟଣା ଜାଣିବା ଓ ଦେଖିବା ପରେ ଗ୍ରାମ ଲୋକମାନେ ସଂପୃକ୍ତ ଅଧିକାରୀ ଓ ତାଙ୍କ ସହ ଥିବା ଜଣେ ମହିଳା କନେଷ୍ଟବଳଙ୍କ ସହ ଆଉ ଜଣେ ପୁରୁଷ କନେଷ୍ଟବଳ ଓ ମଦଭାଟିର କର୍ମଚାରୀ ଶରତ ଚନ୍ଦ୍ର ବାରିକଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରି ସଂପୃକ୍ତ ଅଧିକାରୀଙ୍କ ସହିତ ଅନ୍ୟ ଦୁଇ କନେଷ୍ଟବଳଙ୍କୁ ଉଦ୍ଧାର କରିଥିଲେ । ମଦଭାଟି ମାଲିକ ଘଟଣାସ୍ଥଳକୁ ଯିବାକୁ ସଂପୃକ୍ତ ଅଧିକାରୀଙ୍କୁ ଭଡାରେ ଏକ କାର ଯୋଗାଇ ଦେଇଥିବା ବେଳେ ତାଙ୍କର କର୍ମଚାରୀ ବୋଲେର ଗାଡିରେ ମଦ ନେଇ ଯାଇଥିବା ଗାଁ ଲୋକଙ୍କ ଠାରୁ ପ୍ରକାଶ। ମଦକୁ ବିରୋଧ କରୁଥିବା ନିରୀହ ଗାଁ ଲୋକଙ୍କୁ ମିଥ୍ୟା ମଦ କେସରେ ଫସାଇ ଡରାଇ ହଇରାଣ ହରକତ କରାଇ ଗାଁ ଗାଁରେ ମଦର ବନ୍ୟା ସୃଷ୍ଟି କରିବାକୁ ଅବକାରୀ ଅଧିକାରୀ କୁଆଡେ ଦେଶୀ ମଦ ଭାଟି ମାଲିକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇଥିବା ଅଭିଯୋଗ ହୋଇଛି। ଯାହାର କି ଚକ୍ଷୁଷ ଘଟମା ଦେଖିବାକୁ ମିଳିଛି ସେହି ଗାଁରେ। ଗାଁ ର ବେଣୁ ଦେହୁରୀ ନିଜ ଘରେ ଶୋଇଥିବା ବେଳେ ଦୁଇ ଜଣ କନେଷ୍ଟବଳଙ୍କ ସହ ଅବକାରୀ ଅଧିକାରୀ ଜଣଙ୍କ ତାଙ୍କ ଘରେ ପହଂଚି ଏକ ସାଧା କାଗଜରେ ଜବରଦସ୍ତ ଟିପ ନେଇଥିଲେ।

# ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର +୨ କଳା, ବାଣିଜ୍ୟ ଓ ବିଜ୍ଞାନର ଫଳାଫଳ ପ୍ରକାଶିତ

ସାକ୍ଷୀଗୋପାଳ, (ପି.ଏନ): ଇତି ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଏଥିରେ ଚଳିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚମତ୍କାର ସଫଳତା ହାସଲ କରିଛନ୍ତି। ମହାବିଦ୍ୟାଳୟର +୨ କଳା ବିଭାଗରେ ୨୫୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ, ଯାହାମଧ୍ୟରୁ ୧୫୩ ଜଣ ପ୍ରଥମ, ୬୦ ଜଣ ଦ୍ୱିତୀୟ ଓ ୨୭ ଜଣ ତୃତୀୟ ଶ୍ରେଣୀ ଏହିପରି ସର୍ବମୋଟ ୨୪୦ ଜଣ ପାସ୍ କରିଛନ୍ତି। କଳା ବିଭାଗରେ ପାସ୍ ହାର ୯୪ ପ୍ରତିଶତ ଥିଲାବେଳେ +୨ କଳା ଛାତ୍ରୀ କୁମାରୀ ସମର୍ପିତା ବେହେରା ୮୯.୧୬ ପ୍ରତିଶତ ମାର୍କ ହାସଲ କରି ମହାବିଦ୍ୟାଳୟର ତଥା ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖିବାର ଗୌରବ ଅର୍ଜନ କରିଛନ୍ତି। ସେହିପରି +୨ ବାଣିଜ୍ୟ ବିଭାଗରେ ମୋଟ୍ ୪୧ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୭ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଓ ୧୦ ଜଣ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ +୨ ବାଣିଜ୍ୟ ଛାତ୍ରୀ ବିଷ୍ଣୁପ୍ରିୟା ନାୟକ ୭୯.୮୩ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। +୨ ବିଜ୍ଞାନ ବିଭାଗରେ ମୋଟ୍ ୨୪ ଜଣଙ୍କ ମଧ୍ୟରୁ ୭ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଓ ୮ ଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଓ +୨ ବିଜ୍ଞାନ ଛାତ୍ର ବିଶ୍ୱନାଥ ନନ୍ଦ ୭୨ ପ୍ରତିଶତ ମାର୍କ ରଖି ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଛାତଛାତ୍ରୀଙ୍କ ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ରତିକାନ୍ତ ପରିଡ଼ା ଆନନ୍ଦ ପ୍ରକାଶ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା। ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା। ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା। ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ଅପେକ୍ଷା ପରିବାରର ଗୁରୁ ଦାୟିତ୍ୱ ରହିଛି : ଗଣଶିକ୍ଷା ମନ୍ତ୍ରୀ

ଧର୍ମଶାଳା,(ପି.ଏନ): ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ଅପେକ୍ଷା ପରିବାରର ବହୁ ଗୁରୁ ଦାୟିତ୍ୱ ରହିଛି ବୋଲି ଯାଜପୁର ଜିଲା ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ନ୍ୟାସନାଲ ଫାଣ୍ଡେସନ ତରଫରୁ ଆୟୋଜିତ ଏକ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ଯୋଗ ଦେଇ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଏ୧ ଗ୍ରେଡ୍ ପାଇଥିବା ୩୨ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ କଳ୍ପତରୁ ଦାସ ଷ୍ଟାଡିୟମଠାର ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ଏ ୧ ଗ୍ରେଡ୍ ପାଇଥିବା ୩୨ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

## କଂଗ୍ରେସର ପଦଯାତ୍ରା

ନୂଆପଡ଼ା,(ପି.ଏନ): କଂଗ୍ରେସ ଦଳ ତରଫରୁ ଅଗଷ୍ଟ ୯ ତାରିଖ ଦିନ ଠାରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ନୂଆପଡା ଜିଲ୍ଲା ବ୍ୟାପି ସ୍ୱାଧିନତା ର ଗୌରବ ଯାତ୍ରା ତଥା ପଦଯାତ୍ରା ଆରମ୍ଭ କରାଯିବାର କାର୍ଯ୍ୟକ୍ରମ ରହିଛି ।ଏହି ଅବସରରେ ଆଜି ଜିଲ୍ଲା କଂଗ୍ରେସ କମିଟି ଓ ସିନାପାଲି ବ୍ଲକ କଂଗ୍ରେସ କମିଟି ତରଫରୁ ସିନାପାଲି ବ୍ଲକ ଗଣ୍ଡାବାହାଲି ଠାରୁ ସିଙ୍ଗଝର ପର୍ଯ୍ୟନ୍ତ ଦୀର୍ଘ ୧୫ କିଲୋମିଟର ପଦଯାତ୍ରା କରାଯାଇଥିଲା ।ନୂଆପଡା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଓ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ପଦଯାତ୍ରା ରେ ସାମିଲ ହୋଇଥିଲେ ।କେନ୍ଦ୍ର ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପାଳନ କରୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ ।ଅହେତୁକ ଦରଦାମ ବୃଦ୍ଧି ଦେଶବାସୀ ଙ୍କୁ ତଳିତଳାନ୍ତ କରିଦେଇଛି, ରନ୍ଧନ ଗ୍ୟାସ, ଇନ୍ଧନ, ଖାଦ୍ୟଦ୍ରବ୍ୟ ର ଯେପରି ଦରବୃଦ୍ଧି ହେଉଛି ସାଧାରଣ ଲୋକଙ୍କ ବଞ୍ଚିବା ଦୁର୍ବିସହ ହୋଇ ପଡିଛି ବୋଲି ବିଧାୟକ କହିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜି ଏସ ଟି ପ୍ରତ୍ୟାହାର, ବେକାରୀ ସମସ୍ୟା ଦୂରୀକରଣ ପାଇଁ ଦାବି କରିଥିଲେ ।କେନ୍ଦ୍ର ସରକାରଙ୍କ ଭୂଲ ନିଷ୍ପତ୍ତି ଉପରେ ସମସ୍ତଙ୍କୁ ସଚେତନ କରାଯିବ ବୋଲି କଂଗ୍ରେସ ଦଳ ତରଫରୁ ସୂଚନା ଦିଆଯାଇଥିଲା ।ଏହି ପଦଯାତ୍ରା ରେ ପର୍ଯ୍ୟବେକ୍ଷକ ମୋତିଲାଲ ଦାଶ, ଯୁବ କଂଗ୍ରେସ ପ୍ରଭାରୀ ମହମ୍ମଦ ସାଏବ, ଜିଲ୍ଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ବ୍ଲକ ଉପଦକ୍ଷା ମିନା ଘିଭେଲା,ଖଡ଼ିଆଳ ନଗର କଂଗ୍ରେସ ସଭାପତି ପଞ୍ଚାନନ ସେଠୀ, ଜିଲ୍ଲା ଓବିସି ସେଲ ସଭାପତି ହୀରାଧର ମେହେର, ପିସିସି ସଭ୍ୟ ଲିଙ୍ଗରାଜ ଘିଭେଲା,ଫାରୂପ ମହମଦ ଜୟପାଲ ନାଗ, ଲକ୍ଷ୍ମୀକାନ୍ତ ହଂସ, ଶାହରୁଖ ଖାନ, ପଶା ମହାନନ୍ଦ,ରମେଶ କଟା ଖଗେଶ୍ୱର ସା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ସ୍ତରୀୟ ଡେଙ୍ଗୁ ନିରାକରଣ ସମନ୍ୱୟ ବୈଠକ

ପୁରୀ,(ପି.ଏନ): ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଡେଙ୍ଗୁ ଓ ମେଲେରିଆ ରୋଗ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ବୈଠକରେ ଜିଲ୍ଲାପାଳ ଡେଙ୍ଗୁ ରୋଗର ନିରାକରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ପୁରୀ ପୌର ସଂସ୍ଥା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମଶା ତେଲ ସିଞ୍ଚନ ଓ ଟିଫା ମେସିନ ରେ ଧୂଆଁ ଛାଡିବା ପାଇଁ ପରାମର୍ଶ ଦେଇଥିଲେ। ଉପ ଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ ଡେଙ୍ଗୁ ରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା ପାଇଁ ସ୍ୱଚ୍ଛ ସବାରୀରେ ଗୀତ ମାଧ୍ୟମରେ ପ୍ରଚାର ପ୍ରସାର ଏବଂ ଘରକୁ ଘର ବୁଲି ଡେଙ୍ଗୁ ମଶା ଙ୍କ ଲାର୍ଭା ଦେଉଥିବା ସ୍ଥାନ ଗୁଡ଼ିକୁ ନଷ୍ଟ କରିବା ଏବଂ ସଚତନତା ପାଇଁ କହିଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ନିମାଇଁ ଚରଣ ଜେନା ଜିଲ୍ଲାରେ ଡେଙ୍ଗୁ ରୋଗର ସ୍ଥିତି ନିରାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୬୭୩ ନମୁନା ପରୀକ୍ଷା କରାଯାଇ ସମୁଦାୟ ୪୪ ମଧ୍ୟରୁ ୨୫ ଜଣ ଜିଲ୍ଲା ବାହାରୁ ଏବଂ ୧୯ ଜଣ ଜିଲ୍ଲା ଭିତରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର, ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) , ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଶକ୍ତି ପ୍ରସନ୍ନ ମିଶ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ସମନ୍ୱୟ ବୈଠକରେ ଶିକ୍ଷା, ପୂର୍ତ୍ତ,ପଞ୍ଚାୟତ ରାଜ, ପୌରପାଳିକା, ମତ୍ସ୍ୟ ଓ ପ୍ରାଣୀସମ୍ପଦ , କୃଷି ଓ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଟି. ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ବିକାଶର ବିକଳ ଚିତ୍ର:ପାଠ ପଢିବା ପାଇଁ ବାଜିରେ କୋମଳମତି ଛାତ୍ରଛାତ୍ରୀଙ୍କର ଜୀବନ

କେନ୍ଦୁଝର , (ପି.ଏନ): କେନ୍ଦୁଝର ଭଳି ଏକ ଅବିଭକ୍ତ ଆଦିବାସୀ ବହୁଳ ଜିଲ୍ଲାରେ ପୁଣି ଦେଖିବାକୁ ମିଳିଛି ବିକାଶର ବାସ୍ତବ ଚିତ୍ର । ଆଦିବାସୀ ବହୁଳ ଅଂଚଳରେ ପାଠ ପଢିବା ପାଇଁ ଆଗ୍ରହୀ ଥିବା କୋମଳମତି ଛୋଟ ଛୋଟ ପିଲାଙ୍କ ର ଜୀବନ ଏବେ ବାଜିରେ ଲାଗିଛି । ସ୍କୁଲ ଯିବା ପାଇଁ ପିଲାମାନଙ୍କୁ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଉଛୁଳା ନଦୀ ପାର ହେବାକୁ ପଡୁଛି । ଏଭଳି ବିକାଶର ବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଂଚଳରେ । ନଦୀ ର ସୁଅରେ ପାଠ ପଢିବା ପାଇଁ ପାଠ ପଢିବା ପାଇଁ ସଘଂର୍ଷ କରୁଛନ୍ତି ଛୋଟ ଛୋଟ ପିଲାମାନେ । ଅଭିଭାବକ ମାନଙ୍କ କାନ୍ଧରେ ବସି ବିପଦଜ୍ଜନକ ଭାବେ ଭରା ନଦୀ ପାର ହୋଇ ସ୍କୁଲ ଯାଉଛନ୍ତି । ଏଭଳି ଲଜ୍ୟା ଜନକ ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକର ତାଳପଦା ପଂଚାୟତ ଅନ୍ତର୍ଗତ ତାଳପଦା ସ୍କୁଲକୁ ପାଠ ପଢିବା ପାଇଁ ଆସୁଥିବା ସ୍କୁଲ ପିଲାଙ୍କ କ୍ଷେତ୍ରରେ । ୧୫ ରୁ ଅଧିକ କୋମଳମତି ଛାତ୍ର ଛାତ୍ରୀ ପ୍ରତ୍ୟେକ ଦିନ ତିନି କିଲୋମିଟର ବାଟ ପାଦରେ ଚାଲି ଚାଲି ପାଠ ପଢିବାକୁ ଯାଇଥାନ୍ତି । କିନ୍ତୁ ଏମାନଙ୍କ ରାସ୍ତରେ ବାଟ ଓଗାଳି ରହିଛି ସମାକୋଇ ନଦୀ । ବର୍ଷା ଋତୁର ୪ ମାସ ନଦୀରେ ପାଣି ଅଧିକ ରହୁଥିବାରୁ ଯିବା ଆସିବା ସମସ୍ତଙ୍କ ପାଇଁ ଯାତାୟତର ଗୁରୁତର ସମସ୍ୟା ଦେଖାଦେଉଛି । ଏଥିରେ ସମଗ୍ର ଅଂଚଳର ଗୁରୁତର ରୋଗୀଙ୍କ ସହ ଗର୍ଭବତୀ ମହିଳାମାନ ମଧ୍ୟ ମଧ୍ୟ ପ୍ରଭାବିତ ହେଉଛନ୍ତି । ଆଉ ଏପଟେ ପିଲାମାନଙ୍କର ପାଠ ପଢା କଥା ବରଂ ନ କହିଲେ ଭଲ । ଏଠାରେ ନଦୀ ବଢିଲେ ପିଲାମାନଙ୍କର ପାଠ ବନ୍ଦ । ଏହି ଅଂଚଳରେ ଅନ୍ୟ କୌଣସି ସୁବିଧା ନଥିବାରୁ ନଦୀରେ ଆସୁଥିବା ପାଣି ସାମାନ୍ୟ କମିବା ପରେ ଅବିଭାବକ ମାନେ ପିଲାଙ୍କୁ କାନ୍ଧରେ ବସାଇ ବିପଦଜ୍ଜନକ ଅବସ୍ଥାରେ ନଦୀ ପାର କରାଇ ସ୍କୁଲକୁ କୁ ପଠାଇ ଥାଆନ୍ତି । ଏଭଳି ଅବସ୍ଥାରେ ଅନେକ ସମୟରେ ପଥରରେ ଗୋଡ ଖସି ପିଲାମାନେ ପାଣିରେ ପଡିବାର ନଜିର ମଧ୍ୟ ରହିଛି । ଅନୁରୁପ ଅବସ୍ଥା ପିଲାମାନେ ସ୍କୁଲରୁ ଫେରିବା ବେଳେ ମଧ୍ୟ ଦେଖିବାକୁ ମିଳିଥାଏ । ଅଭିଭାବକ ମାନେ ସମସ୍ତ କାମ ଦାମକୁ ପଛରେ ପକାଇ ପିଲାଙ୍କର ଫେରିବା ବାଟକୁ ଚାହିଁ ରହିଥାଆନ୍ତି । ଏବଂ ପୁଣି କାନ୍ଧରେ ବସାଇ ନଦୀ ପାର କରାଇ ଘରକୁ ଆଣି ଥାଆନ୍ତି । ସ୍ୱାଧୀନତାର ୭୫ ବର୍ଷ ର ଅମୃତ ମହୋତ୍ସବ ଦେଶ ପାଳନ କରୁଥିବା ବେଳେ ଏଠାରେ ମୁଣ୍ଡା ସାହୀର ଲୋକେ କେବଳ ଯେ ବିକାଶ କଣ ଜାଣି ନାହାଁନ୍ତି ତା ନୁହେଁ ଅଧିକନ୍ତୁ ବିକାଶ ମଧ୍ୟ ସେମାଙ୍କ ଠାରୁ ବହୁ ଦୂରରେ ରହିଛି । ଏହି ହିଁ ହେଉଛି କେନ୍ଦୁଝର ଜିଲ୍ଲାରେ ଚାଲିଥିବା ବିକାଶର ଅସଲ ଚିତ୍ର । ଯାହାକୁ ଦେଖିଲେ ସ୍ୱାଭାବିକ ଭାବେ ଜଣେ ସ୍ୱାଧୀନଚେତ ମଣିଷର ମୁଣ୍ଡ ଲଜ୍ୟାରେ ତଳକୁ ନଇଁଯିବ ।

# ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହେଲା ନିରୀକ୍ଷଣ ଯୋଜନା: ଗର୍ଭବତୀ ମହିଳାଙ୍କୁ ମିଳିବ ମାଗଣା ଅଲଟ୍ରାସାଉଣ୍ଡ ସୁବିଧା

ଗଂଜାମ,(ପି.ଏନ): ଗଞ୍ଜାମ ଜିଲ୍ଲାରେ ମାତୃତ୍ୱକୁ ସୁରକ୍ଷିତ ରଖିବା ନେଇ ଆରମ୍ଭ କରାଯାଇଛି ନିରୀକ୍ଷଣ ଯୋଜନା । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ବ୍ରହ୍ମପୁର ସ୍ଥିତ ସିଟି ହସ୍ପିଟାଲରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା ପ୍ରଶାସନ ସବୁବେଳେ ମାତୃ ଏବଂ ଶିଶୁ ସୁରକ୍ଷା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରି ରାଜ୍ୟରେ ସୁନାମ ଆଣିଛି । ବିଶେଷ କରି ସ୍ୱାସ୍ଥ୍ୟ ସେବା ଦିଗରେ ଅନେକ ଗୁଡିଏ କାର୍ଯ୍ୟ କରି ଏହି ଜିଲ୍ଲା ସଫଳ ହୋଇପାରିଛି ଏବଂ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ଆସିଛି । ମାତୃତ୍ୱକୁ ସୁରକ୍ଷା ଦିଗରେ ଜିଲ୍ଲାର ଏହି ଅଭିନବ ପ୍ରୟାସକୁ ଜିଲ୍ଲାବାସୀ ସ୍ୱାଗତ କରିଛନ୍ତି । ନିରାପଦ ମାତୃତ୍ୱ ପାଇଁ ଗର୍ଭବତୀ ମାନଙ୍କୁ ବିପଦ ଏଡାଇବା ନିମନ୍ତେ ଠିକ୍ ସମୟରେ ଚିହ୍ନଟ କରି ଅଲଟ୍ରାସାଉଣ୍ଡ କରାଯିବ । ଏ.ଏନ୍.ଏମ୍. ମାନଙ୍କଦ୍ୱାରା ଗର୍ଭବତୀ ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କ୍ଲିନିକରେ ଗର୍ଭବତୀଙ୍କ ପ୍ରାରମ୍ଭିକ ଚିକିତ୍ସା ଡାକ୍ତର କିମ୍ବା ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଯିବ । ସେହି ଗର୍ଭବତୀ ମହିଳାଙ୍କୁ ଅନ୍ତତଃ ଗର୍ଭାବସ୍ଥା ସମୟରେ ତିନିଥର ବିନାମୂଲ୍ୟରେ ଅଲଟ୍ରା ସାଉଣ୍ଡର ସୁବିଧା ଯୋଗାଇ ଦିଆଯିବ । ଗର୍ଭାବସ୍ଥାର ୧୨ ସପ୍ତାହରେ ପ୍ରଥମ, ୧୬ ରୁ ୩୪ ସପ୍ତାହ ମଧ୍ୟରେ ଦ୍ୱିତୀୟ ଓ ୩୬ ସପ୍ତାରେ ତୃତୀୟ ଥର ଅଲଟ୍ରା ସାଉଣ୍ଡ ସୁବିଧା ଯୋଗାଇ ଦିଆଯିବ । ସମସ୍ତ ସରକାରୀ ଓ ସ୍ୱୀକୃତି ପ୍ରାପ୍ତ ବେସରକାରୀ ଅଲଟ୍ରାସୋନୋଗ୍ରାଫି ୟୁନିଟ୍ସରେ ଏହି ସୁବିଧା ନିୟମ ପ୍ରକାରେ ଉପଲବ୍ଧ ହୋଇପାରିବ । ଏଥିପାଇଁ ସରକାରୀ ଡାକ୍ତରଖାନା ଦ୍ୱାରା ସ୍ୱୀକୃତି ପତ୍ର ଆଣିବା ଆବଶ୍ୟକ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଉମା ଶଙ୍କର ମିଶ୍ର, ଜିଲ୍ଲା ସମାଜିକ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଆର୍ତ ଜଗଦୀଶ ପଟ୍ଟନାୟକ, ଏ.ଡି. ପି.ଏଚ୍.ଓ. ପରିବାର କଲ୍ୟାଣ ଡଃ ଭି. ସରୋଜାନୀ ଦେବୀ, ସୁପରିନଟେଣ୍ଡେଂଟ ସିଟି ପସ୍ପିଟାଲ ବ୍ରହ୍ମପୁର ଡଃ ରାଜେନ୍ଦ୍ର କୁମାର ସାହୁ, ବରିଷ୍ଠ ମେଡିକାଲ ଅଫିସର୍ ଡଃ କାମେଶ୍ୱର ରାଓ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ର ଜିଲ୍ଲା ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରବନ୍ଧକ ଶକ୍ତି କୁମାର ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲାସ୍ତରୀୟ ଏହି ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଉପଜିଲ୍ଲାପାଳ ଭଞ୍ଜନଗର ଜ୍ୟୋତି ଶଙ୍କର ରାୟ, ଏସ୍.ଡି.ପି.ଓ. ଆସ୍କା, ତହସିଲଦାର ଧରାକୋଟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧରାକୋଟ, ଗ୍ରୀଭେନ୍ସ ଅଫିସର, କଲେକ୍ଟରେଟ୍ ଗଞ୍ଜାମ ସୁଚିସ୍ମିତା ମାଝି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ୩୦ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ ରେ ଯୁବକ ଗିରଫ

ବାଲେଶ୍ୱର,(ପି.ଏନ): ଅନ୍‌ଲାଇନ୍‌ରେ ଜନୈକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠକିଥିବା ନାଇଜେରିଆ ଯୁବକକୁ ବାଲେଶ୍ୱର ସାଇବର ପୁଲିସ ଗିରଫ କରିଛି । ବାଲେଶ୍ୱର ବାଲିଆର ଜନୈକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏହି ବ୍ୟକ୍ତିଙ୍କ ଜାଲରେ ଫସି ୩୦ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିଲେ । ଜଣେ ମହିଳାଙ୍କ ନାଁରେ ଫେସବୁକ ଓ ହ୍ୱାଟ୍‌ସଆପ ଆକାଉଣ୍ଟ ଖୋଲି ଚାଟିଂ କରିବା ୩୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ରେ ଦୀଲ୍ଲିରୁ ସାମ୍‌ସନଏମିକେ ଆଲିଗା ନାମକ ଜଣେ ନାଇଜେରିଆ ଯୁବକକୁ ସାଇବର ପୁଲିସ ଗିରଫ କରିଛି । ଏହି ଯୁବକ ଦୀଲ୍ଲିର କିଶନଗଡ଼ ରେ ରହି ଅନଲାଇନ୍ ରେ ଚାଟିଂ କରି ନାନା ପ୍ରକାରର ପ୍ରଲୋଭନ ଦେଖାଇ ଅର୍ଥ ଲୁଟୁଥିଲା । ଏହି କର୍ମଚାରୀ ଜାଲରେ ଫସି ୩୦ ଲକ୍ଷ ଟଙ୍କା ଠକେଇର ଶିକାର ହେବା ପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ସାଇବର ଥାନା ଅଧିକାରିଣୀ ମୀନା ବିନ୍ଧାଣୀ ଟଙ୍କା ଜମା ହୋଇଥିବା ଏକାଉଣ୍ଟ ଜବତ କରି ଆସିଥିବା ଫୋନ୍ ନମ୍ବର ଓ ଫେସ୍‌ବୁକ ନମ୍ବର ଖୋଳତାଡ଼ କରିବା ପରେ ଗୋଟିଏ ନମ୍ବରକୁ ଟ୍ରାକ କରି କିଛି ତଥ୍ୟ ହାତେଇଥିଲେ । ପରେ ଏହି ଠକେଇର ଜଣେ ପ୍ରମୁଖ ଅଭିଯୁକ୍ତ ସାମ୍‌ସନ କୁ ଗିରଫ କରି ୩ ଦିନିଆ ଟ୍ରାନ୍‌ଜିଟ୍ ରିମାଣ୍ଡରେ ବାଲେଶ୍ୱର ଅଣାଜାଇଛି । ବାଲେଶ୍ୱର ଏସ୍‌ଡ଼ିଜେଏମ୍ ଙ୍କ କୋର୍ଟ ସାମ୍‌ସନ ଆଲିଗାକୁ ହାଜର କରାଯିବ ବୋଲି ସାଇବର ଥାନା ଅଧିକାରିଣୀଙ୍କ ଠାରୁ ସୂଚନା ମିଳିଛି । ଗିରଫ ସାମ୍‌ସନ ଠାରୁ ଏକ ମୋବାଇଲ, ସେ ବ୍ୟବହାରୀ କରୁଥିବା ଲାପଟପ ସହ କିଛି ନକଲି ସିମ୍ ଜବତ ହୋଇଛି । ୨୦୧୮ ମସିହାରୁ ସାମ୍‌ସନର ପାସପୋର୍ଟ ଅବଧୀ ସରିଛି ଓ ବ୍ୟବହାର କରୁଥିବା ଅନ୍ୟ ଏକ ପାସପୋର୍ଟ ନକଲି ବୋଲି ସନ୍ଦେହ କରାଯାଉଛି । ଏହି ଠକେଇରେ ଏକାଧିକ ବ୍ୟକ୍ତିଙ୍କର ସଂପୃକ୍ତ ଥିବା ସନ୍ଦେହ କରାଯାଇ ଛାନବିନ୍ ଚାଲିଛି । ସୂଚନାଯୋଗ୍ୟ ଯେ ୩୦ ଲକ୍ଷ ମଧ୍ୟରେ ପୁଲିସ ଜବତ କରିଥିବା ଏକାଉଣ୍ଟରେ ୬ ଲକ୍ଷ ଟଙ୍କା ଜମା ରହିଥିବା ଜଣାପଡ଼ିଛି ।

# କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ଅମୃତ ମହୋତ୍ସବ ପାଳନ

ଖୋର୍ଦ୍ଧା,(ପିଏନ):ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା । ଏ ନେଇ ଖୋର୍ଦ୍ଧା ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ପରେ ଛାତ୍ରଛାତ୍ରୀ ମାନେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ ଧ୍ୱନିରେ ପ୍ରକମ୍ପିତ କରି ହର ଘରେ ଜାତୀୟ ପତାକା ବଂଟନ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ- ସଚେତନତା ରଥର ଶୁଭାରମ୍ଭ କଲେ ବନ୍ଦର ଅଧ୍ୟକ୍ଷ

ପାରାଦୀପ,(ପି.ଏନ): ବୁଧବାର ଦିନ ପରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନର ଶୁଭାରମ୍ଭ ହୋଇଛି । ପାରାଦୀପ ବନ୍ଦର ସିଆଇଏସଏଫ କମ୍ପ୍ଲେକ୍ସ ଠାରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ପତାକା ଉତୋଳନ କରିଥିଲେ । ବନ୍ଦର କର୍ମଚାରୀଙ୍କ ସର୍ବାଧିକ ଅଂଶଗ୍ରହଣ ନିଶ୍ଚିତ କରିବାକୁ ବନ୍ଦର ଅଧ୍ୟକ୍ଷ ସମସ୍ତ ଅଧିକାରୀମାନଙ୍କୁ ତ୍ରିରଙ୍ଗା ପତାକା ପ୍ରଦାନ କରିଥିଲେ । ସେହିପରି ସାଧାରଣରେ ସଚେତନତା ସୃଷ୍ଟି କରିବା ପାଇଁ ଅଧ୍ୟକ୍ଷ ଶ୍ରୀ ହରନାଦ ଆଜାଦି କି ଅମୃତ ମହୋତ୍ସବ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ, ସଚୀବ ଡ.ପି.ଏନ.ବାହେକର, ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା, ସିଆଇଏସଏଫ କମାଣ୍ଡାଂଟ୍ ଅକ୍ଷତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆଜାଦୀ କା ଅମୃତ ମହୋତ୍ସବ ଏକ ଅଂଶ ଭାବରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଭାରତର ସ୍ୱାଧୀନତାର ୭୫ତମ ବର୍ଷିକ ପାଳନ ପାଇଁ ନିଜ ଘର ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ ଆହ୍ୱାନ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଅନୁରୋଧ ଅନୁଯାୟୀ ଅଗଷ୍ଟ ୧୫ ପୂର୍ବରୁ ଏହି ତ୍ରିରଙ୍ଗା ଉତୋଳନ କରାଯିବ । ଏହା ବ୍ୟତିତ ସରକାର ଫ୍ଲାଗ୍ କୋଡ୍ ନିୟମକୁ ମଧ କୋହଳ ମଧ କରିଛନ୍ତି । ପତାକାର ଆକାର କିମ୍ବା ଏହାର ପ୍ରଦର୍ଶନର ସମୟ ଉପରେ କୌଣସି ପ୍ରତିବନ୍ଧକ ରଖାଯାଇନାହିଁ । ପାରାଦୀପ ଅନ୍ତେବାସୀ ଏହି ଅବସରରେ ନିଜ ନିଜ ଘର ଉପରେ ତ୍ରିରଙ୍ଗା ଉଡେଇବାକୁ ବନ୍ଦର ଅଧ୍ୟକ୍ଷ ନିବେଦନ କରିଛନ୍ତି ।

# ଯୁବ କ୍ଲବ ଉନ୍ନତୀକରଣ ଅଭିଯାନ ଉଦ୍‌ଯାପିତ: ଆଜାଦିକା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ନେହେରୁ ଯୁବକେନ୍ଦ୍ର ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଠାରେ ଆଜାଦିକା ଅମୃତ ମହୋତ୍ସବ ଅବସରରେ ୫ଦିନିଆ ଯୁବ କ୍ଲବ ଉନ୍ନତିକରଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃନ୍ଦାବତୀ ଯୁବକ ସଙ୍ଘର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ତଥା ସୁପ୍ତ ହୋଇପଡିଥିବା ଯୁବକ ସଙ୍ଘର ଉନ୍ନତିକରଣ, ନୂତନ କ୍ଲବ ଗଠନ, ନେହେରୁ ଯୁବ କେନ୍ଦ୍ର ସହିତ ସଂଯୋଗ, ହରଘର ତ୍ରୀରଙ୍ଗା କାର୍ଯ୍ୟକ୍ରମ, ସ୍ୱଛତା ଓ ବୃକ୍ଷରୋପଣ ପ୍ରଭୃତି ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା ।

# ନିଆରା ରକ୍ଷାବନ୍ଧନ, ପ୍ରକୃତି ସହ ବନ୍ଧୁତା



ଖୋର୍ଦ୍ଧା,(ପି.ଏନ) : ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ନିଆରା ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ ବୃକ୍ଷରେ ରାଖୀ ବାନ୍ଧି ଉତ୍ସବ ପାଳନ କରିଥିଲେ । ଜିଲା ମୁଖ୍ୟଚିକିତ୍ସାଳୟ ପରିସରରେ ବୃକ୍ଷକୁ ଫୁଲ, ଚନ୍ଦନ, ସିନ୍ଦୁର ଦେଇ ବନ୍ଦାପନା ସହ ଶ୍ରୀଜଗନ୍ନାଥଙ୍କ ରାଖୀ ବାନ୍ଧିଥିଲେ । ଏଥିରେ କ୍ଲବର ଉପଦେଷ୍ଟା ଲଳିତମୋହନ ମହାପାତ୍ର, ସଭାପତି ରଞ୍ଜିତ କେଏନ ସାମନ୍ତରାୟ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ଅଗ୍ରୱାଲ, ତପନ ରାଉତରାୟ, ଯୋଗେନ୍ଦ୍ର ମାର୍ଥା, ବସନ୍ତ କୁମାର ପ୍ରଧାନ, ପ୍ରଭୁନାଥ ଦାସ,ଦୀପ୍ତିମୟୀ ପ୍ରତିହାରୀ, ସ୍ୱପ୍ନାଶ୍ରୀ ଦାସ, ଶିବ ପ୍ରସାଦ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ସାହୁ, ହଷ୍ମିତା ମହାନ୍ତ, ଜୀବନ ଜ୍ୟୋତି କୁଅଁର ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ପାଣିଗ୍ରାହୀ କହିଲେ ଯେ, ପ୍ରକୃତି ବଂଚିଲେ, ଜୀବଜଗତ ରହିବ । ଦୃତ ଶିଳ୍ପାୟନ, ରାସ୍ତା ସଂପ୍ରସାରଣ, କୋଠାବାଡି ନିର୍ମାଣ ପାଇଁ ବୃହତ ଗଛ ଗୁଡିକ ବଳି ପଡୁଛି । ଦୃତ ଜଙ୍ଗଲକ୍ଷୟ, ବୃକ୍ଷରାଜୀର ଧ୍ୱଂସ ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ ବୋଲି ସେ କହିଥିଲେ । ସେହିପରି ନୂଆବସଷ୍ଟାଣ୍ଡ ରୋଡ ସ୍ଥିତ ଗଣେଶ ବୁକ୍ ଏମ୍ପୋରିୟମ ଠାରେ ଥିବା ବୃକ୍ଷରେ ଶୋଭନ ଘୋଷ, ସୁଜନ ମିଶ୍ର, କ୍ଷିତିଶ ମୋହନ ଦାସ ପ୍ରମୁଖ ରାଖୀ ବାନ୍ଧି ପରିବେଶ ସୁରକ୍ଷାର ବାର୍ତା ଦେଇଥିଲେ ।

# ଜିଲ୍ଲାପାଳ ଓ ଏସପିଙ୍କ ହାତରେ ରାକ୍ଷୀ ବାନ୍ଧି ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ପାଳିଲେ ରକ୍ଷା ବନ୍ଧନ ଉତ୍ସବ

କେନ୍ଦ୍ରାପଡ଼ା,(ପି.ଏନ) : ଗରାପୁର ଡାକବଙ୍ଗଳା ଛକସ୍ଥିତ କେନ୍ଦ୍ରାପଡା ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡ଼କରଙ୍କ ହାତରେ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନ ଉତ୍ସବ ପାଳନ କରିଛନ୍ତି । ଆମର ଐତିହ୍ୟ ଓ ପରମ୍ପରାକୁ ଉଦଜିବିତ ରଖିବା ପାଇଁ ସ୍କୁଲର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆଦ୍ୟାଶା ଦାଶ, ଦିବ୍ୟାଶା ଦାଶ, ହରଶ୍ରିତା ଦାଶ, ସାୟେଦା ସାଫିଆ ଆଫ୍ରୋଜ, ସାଇ ଲିପ୍ସା ସାହୁ, ଦିବ୍ୟଶ୍ରୀ ଦେବତା ପ୍ରମୁଖ କୁନି କୁନି ଛାତ୍ରୀମାନେ ଜିଲ୍ଲାପାଳ ଶ୍ରୀ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡ଼କରଙ୍କ ମୁଣ୍ଡରେ ଚନ୍ଦନ, ସିନ୍ଦୁର ଓ ଅକ୍ଷତ ଲଗାଇ ଉଭୟଙ୍କ ହାତରେ ନିଜେ ତିଆରି କରିଥିବା ରାକ୍ଷୀକୁ ବାନ୍ଧି ଦେଇ ସେମାନଙ୍କୁ ବନ୍ଦାପନା କରିଥିଲେ । ସେହିଭଳି ସ୍କୁଲର ଛାତ୍ରମାନଙ୍କ ହାତରେ ମଧ ରାକ୍ଷୀ ବାନ୍ଧି ଥିଲେ ଛାତ୍ରୀମାନେ । ପ୍ରତିବଦଳରେ ଛାତ୍ରମାନେ ସେମାନଙ୍କୁ ସୁରକ୍ଷାର ପ୍ରତିଶୃତି ଦେଇଥିଲେ । ଏଥିସହିତ ସ୍କୁଲର ଛାତ୍ରଛାତ୍ରୀମାନେ କେନ୍ଦ୍ରାପଡା ସଦର ଥାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ହାତରେ ପରମ୍ପରା ଅନୁଯାୟୀ ରାକ୍ଷୀ ବାନ୍ଧି ଥିଲେ । ସଦର ଥାନା ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ଚକୋଲେଟ ଦେଇ ଧନ୍ୟବାଦ ଜଣାଇଥିଲେ । ଆଧୁନିକ ସମାଜରେ ଆମ ଓଡିଶାର ପାରମ୍ପରିକ ପ୍ରଥା ଧିରେ ଧିରେ ଲୋପ ପାଇବାକୁ ବସିଥିବା ବେଳେ ସ୍କୁଲର ପିଲାମାନଙ୍କ ମଧ୍ୟରେ ପରମ୍ପରାକୁ ବଜାୟ ରଖିବାକୁ ଏଭଳି ଏକ ପ୍ରୟାସ ଆରମ୍ଭ କରାଯାଇଥିଲା ।

# ସୁଭଦ୍ରା ଆର୍ଟ ଗ୍ୟାଲେରୀ ଦ୍ୱାରା ଦିଲ୍ଲୀରେ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ




ନୂଆଦିଲ୍ଲୀ, (ପି.ଏନ): ଭୁବନେଶ୍ୱର ସ୍ଥିତ ସୁଭଦ୍ରା ଆର୍ଟ ଗ୍ୟାଲେରୀ ଆନୁକୁଲ୍ୟରେ ଦିଲ୍ଲୀ ଠାରେ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଭାରତବର୍ଷର ସ୍ୱାଧିନତାର ୭୫ ବର୍ଷ ପାଳନ ଉପଲକ୍ଷେ ବନା ଯାଉଥିବା, "ଆଜାଦିକା ଅମୃତ ମହୋତ୍ସବ" ଅବସରରେ ଆୟୋଜିତ ଏହି ଚିତ୍ରକଳା ମହାକୁମ୍ଭରେ ଜାତୀୟ ରାଜଧାନୀରେ ଅବସ୍ଥାପିତ ଏବଂ ଓଡ଼ିଶାରୁ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଆସିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ମାନେ ଅଂଶ ଗ୍ରହଣ କରିଥିଲେ । ଏଠାକାର କନଷ୍ଟିଟ୍ୟୁସନ୍ କ୍ଲବ ସ୍ଥିତ ଐତିହାସିକ ସ୍ପିକର ହଲ୍ ଠାରେ ଗାନ୍ଧୀଙ୍କର ଜୀବନ ଓ ଦର୍ଶନ ଉପରେ ପ୍ରଦର୍ଶିତ ଚିତ୍ରକାର ମାନଙ୍କର ବିରଳ କଳା କଳାକୃତି ଗୁଡ଼ିକୁ ଦିଲ୍ଲୀର ବହୁ ବରେଣ୍ୟ ବ୍ୟକ୍ତି, ପ୍ରବାସୀ ଓଡ଼ିଆ ନେତୃବୃନ୍ଦ ଓ ବୁଦ୍ଧିଜୀବି ମାନେ ବୁଲି ଦେଖିବା ସହିତ ଏହି ଅନନ୍ୟ ଆୟୋଜନକୁ ଭୁରୀ ଭୁରୀ ପ୍ରଶଂସା କରିଥିଲେ । ଉତ୍ସବରେ ପୌରହିତ୍ୟ କରି ସୁଭଦ୍ରା ଆର୍ଟ ଗ୍ୟାଲେରୀର ଅଧକ୍ଷ ତଥା ମୁଖ୍ୟ ଆୟୋଜକ ଡଃ ସୂର୍ଯ୍ୟ ରଥ, ମହାତ୍ମା ଗାନ୍ଧୀଙ୍କର ମହାନ୍ ଜୀବନ ଓ ମହତ୍ ଦର୍ଶନ ଦ୍ୱାରା ଚଳିତ ପିଢ଼ିର ଚିତ୍ରଶିଳ୍ପୀ ମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ । ଭବିଷ୍ୟତରେ ଦିଲ୍ଲୀର ପ୍ରବାସୀ ଓଡ଼ିଆ ଚିତ୍ରକାରଙ୍କ ସହଯୋଗରେ ତାଙ୍କର ଗ୍ୟାଲେରୀ ବହୁ ଦେଶାତ୍ମକବୋଧକ ଏବଂ ସୃଜନଶୀଳ କଳାତ୍ମକ କାର୍ଯ୍ୟକ୍ରମ ମାନ ଆୟୋଜନ କରିବାକୁ ଯାଉଥିବା ଡଃ ରଥ ଘୋଷଣା କରିଥିଲେ ।ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ଦ୍ୱାରା, 'ବୈଷ୍ଣବ ଜନ ତୋ...'' ଭଜନର ତାଳେ ତାଳେ ମାତ୍ର ୧୦ ମିନିଟ ମଧ୍ୟରେ ଗାନ୍ଧୀ ମୂର୍ତ୍ତି ନିର୍ମାଣ, ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା । ପ୍ରସିଦ୍ଧ ଶିଳ୍ପୀ ସୁଧାଂଶୁ ସୂତାର, ଗାନ୍ଧୀବାଦୀ ଚିନ୍ତାଧାରା ତାଙ୍କର କଳା କଳ୍ପନା ଓ ସର୍ଜନକୁ କିଭଳି ବିଶେଷ ଭାବେ ପ୍ରଭାବିତ କରିଛି, ତାହା ବେଶ୍ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ ।ସମାବେଶରେ ସୁନାମଧନ୍ୟ କବି ଶଙ୍କର୍ଷଣ ପରିଡ଼ା, ପ୍ରତିଷ୍ଠିତ ଲେଖିକା ଡଃ ସୁନିତୀ ମୁଣ୍ଡ ଓ ପ୍ରବାସୀ ଓଡ଼ିଆ ସମାଜସେବୀ ରିତା ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସିଲଭର ଗାନ୍ଧୀ ଭାବେ ପ୍ରସିଦ୍ଧି ହାସଲ କରିଥିବା ମୋହନ ମହାପାତ୍ର, ମହାତ୍ମାଙ୍କ ବେଶରେ ଛିଡ଼ା ହୋଇ ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ ଆଗନ୍ତୁକମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇବାର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଥିଲା । ପ୍ରଦର୍ଶନୀରେ ଭାଗ ନେଇଥିବା ଚିତ୍ରଶିଳ୍ପୀ ଯଥା ସୁଧାଂଶୁ ସୂତାର, ପ୍ରବୋଧ ସ୍ୱାଇଁ, ସଜଲ୍ ପାତ୍ର, ପ୍ରବୋଧ କୁମାର ସାହୁ, ତପନ ଦାସ, ଅନୁପ ଚାନ୍ଦ, ଶୁଭ୍ରା ଚାନ୍ଦ, ଡାଇନା ମହାପାତ୍ର, ମମତା ସାମନ୍ତରାୟ,ନିବେଦିତା ପଟ୍ଟନାୟକ, ଶଶିକାନ୍ତ ରାଉତ, ଟୁଟୁ ପଟ୍ଟନାୟକ, ମାନସ ରଂଜନ ଜେନା, ମନୋଜ ମହାନ୍ତି, ସ୍ମିତାଧି ରଥ, କୁମୁଦ ଦାସ, ବନୋଜ ମହାନ୍ତି, ବିକ୍ରମ ନାୟକ, ସୌଭାଗ୍ୟ ମହାପାତ୍ର, ଜଗନ୍ନାଥ ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ଆଶିଷ ପାଣ୍ଡେ ଓ ସୁବାସ ପୂଜାରୀ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ଉଦୀୟମାନ ଓଡ଼ିଶୀ ନୃତ୍ୟାଙ୍ଗନା ଅଭିପ୍ସା ଦାଶ ଗଣେଶ ବନ୍ଦନା ପରିବେଷଣ କରି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସୁଭଦ୍ରା ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଅଶୋକ ନାୟକ ସୁଚାରୁ ରୂପେ ପରିଚାଳନା କରିବା ସହିତ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉତ୍କଳ ଭାରତୀର ମୁଖ୍ୟ ସଂପାଦକ ଡଃ ନିର୍ମଳ ପଟ୍ଟନାୟକ, କଳିଙ୍ଗ ଭାରତୀ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ଇଂ. ଅକ୍ଷୟ ସାମଲ ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସଭାପତି ଡଃ ବିପିନ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray